52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 108 | Brahmapur | Monday 01 June 2026 | ବର୍ଷ: ୪୫/ ଅଙ୍କ: ୧୦୮ | ସୋମବାର ୧ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦



### ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ

## ତିନିରଥ ଦଣ୍ଡା ଫ୍ରେମ କାର୍ଯ୍ୟ ଶେଷ

ପୁରୀ,୩୧।୫: ରଥଯାତ୍ରା ଯେତେ ପାଖେଇ ଆସୁଛି ରଥଖଳା ସେତେ ଚଳଚଞ୍ଚଳ ହୋଇ ପଡିଛି । ରଥ କାମରେ ଲାଗିଥିବା ବିଭିନ୍ନ ସେବକମାନ ତତ୍ପର ହୋଇ ଉଠିଛନ୍ତି । ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଇତି ମଧ୍ୟରେ ତିନିରଥ ଦଣ୍ଡା ଫ୍ରେମର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ କାର୍ଯ୍ୟ ସମ୍ପନ୍ନ ହୋଇଛି। ତିନିରଥର ମୁଖ୍ୟ ମହାରଣାମାନଙ୍କ ତତ୍ତ୍ୱାବଧାନରେ ଦଣ୍ଡା ଫ୍ରେମର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ ହୋଇ କଳସା ପାଇଁ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ଆଜି ଦଣ୍ଡା ଫ୍ରେମ୍ ଖୋଲା ଯାଇ ଦଣ୍ଡା ଫ୍ରେମରେ ଲାଗି ଥିବା ଅଂଶ ଗୁଡ଼ିକର କାପ, କଳଶା ଏବଂ ବାକି ବିନ୍ଧାକାର୍ଯ୍ୟ ପରେ ଦଣ୍ଡା ଫ୍ରେମ୍ ସାଇତା କାର୍ଯ୍ୟ ହେବ।ଏଥିସହ ତିନିରଥର ୧୨ ଲେଖାଏଁ ପୋଲ ଗୟଳରୁ ଦୁଇଟି ଲେଖାଏଁ ବଡ଼ ପୋଲ ଗୟଳ କରତୀ ସେବକ ଚିରଟ କରି ଚଉପଟ ପାଇଁ ରଥ ଚାଳିକୁ ଯୋଗାଇ ଥିଲେ। ବାକି ପୋଲ ଗୟଳଗୁଡ଼ିକ ମଧ୍ୟରୁ ଦୁଇଟି ଲେଖାଏଁ ପୋଲ ଗୟଳର ଚଉପଟ କାର୍ଯ୍ୟ ତିନିରଥର ମହାରଣା ସେବକମାନେ ଆରମ୍ଭ କରିଛନ୍ତି। ରୂପକାର ସେବକମାନେ ତିନିରଥର ୩୩ଟି ସାଲ ଗୁଜ ଏବଂ ୮ଟି ଲେଖାଏଁ ତୀଖ ଗୁଜରେ ସିଂହ ବିରଳ ରୂପ ଖୋଦେଇ ଶେଷ କରି ସାରିଛନ୍ତି । ଏହା ପରେ ସେମାନେ ତିନିରଥର ବେଦୀ ସିଂହାସନ ମୁହାଁଟରେ କୁମ୍ଭ, ମତ୍ସ୍ୟ, ଡାଳି ଲତା ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ମହାରଣା ସେବକମାନେ ତିନିରଥର ୮ ଟି ଲେଖାଏ ନାଟ ଗୋଡ଼ ପଟାରେ ମୁଖ ସାଲ ଶେଷ କରି ରୂପ ଖୋଦେଇ ପାଇଁ ରୂପକାର ସେବକଙ୍କୁ ଯୋଗାଇ ଦେଇଛନ୍ତି।

### ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ

# ନିଶା ସେବନରେ ଆଗରେ ଓଡ଼ିଶା

ଭୁବନେଶ୍ୱର, ୩୧।୫: ସରକାରଙ୍କ ନାରା ନିଶାମୁକ୍ତ ଓଡ଼ିଶା। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ବାସ୍ତବ ଚିତ୍ର ଦେଖିଲେ ମୁଣ୍ଡ ଘୂରାଇଦେବ। ଜାତୀୟ ହାର ଠାରୁ ନିଶା ସେବନରେ ଆଗରେ ରହିଛି ଓଡ଼ିଶା। ଆଉ ସବୁଠୁ ଅଧିକ ଚକିତ କରିଛି, ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳରେ ନିଶା ସେବନକାରୀଙ୍କ ସଂଖ୍ୟା ଅଧିକ।
ନିଶାମୁକ୍ତ ଓଡ଼ିଶା ଗଠନର ନାରା ଭିତରେ ଚିନ୍ତା ବଢାଇଛି ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ। ଜାତୀୟ ହାର ତୁଳନାରେ ମଦ ଓ ତମାଖୁ ଖାଇବାରେ ଆଗରେ ରହିଛି ଓଡ଼ିଶା। ସବୁଠୁ ବଡ କଥା ହେଉଛି, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ପାଲଟିଛି ନିଶାସେବନର ପେଣ୍ଠସ୍ଥଳ। ଓଡ଼ିଶାରେ ଗ୍ରାମାଞ୍ଚଳର ଲୋକେ ଅଧିକ ତମାଖୁ ଓ ମଦ୍ୟପାନ କରୁଥିବାର ତଥ୍ୟ ଦେଇଛି ଏହି ରିପୋର୍ଟ। ଯେମିତିକି ମହିଳା ମଧ୍ୟ ନିଶାସେବନରେ ପୁରୁଷଙ୍କ ସହ ପ୍ରତିଯୋଗିତା କରୁଛନ୍ତି। ରାଜ୍ୟରେ ଗ୍ରାମାଞ୍ଚଳରେ ୧୫ ବର୍ଷରୁ ଅଧିକ ୨୫ ପ୍ରତିଶତ ମହିଳା ତମାଖୁ ସେବନ କରୁଛନ୍ତି। ସେହିଭଳି ମଦ୍ୟପାନ କରିବାରେ ଏହି ସଂଖ୍ୟା ୩.୫ ପ୍ରତିଶତ। ଯାହା ଜାତୀୟ ହାର ଠାରୁ ଢେର ଅଧିକ। ଏ କ୍ଷେତ୍ରରେ ପୁରୁଷଙ୍କ କଥା ନ କହିବା ଭଲ। ଗ୍ରାମାଞ୍ଚଳରେ ପ୍ରତି ୧୦୦ ଜଣ ପୁରୁଷରେ ୫୦ ଜଣ ତମାଖୁ ଓ ୨୮ ଜଣ ମଦ ପିଉଛନ୍ତି। ସହରାଞ୍ଚଳରେ ଏହି ସଂଖ୍ୟା କିଛି ମାତ୍ରାରେ କମ୍ ରହିଛି।
ଏନଏଫଏଚଏସ୍ ତଥ୍ୟ ହିଁ ବୟାନ କରୁଛି ନିଶା ସେବନକୁ ନା କହିପାରୁନି ଓଡ଼ିଶା। ନିଶା ପାଇଁ ଦୈନିକ ଜୀବନ ଯାଉଛି ହେଲେ ସରକାରୀସ୍ତରରେ ନିଶା ନିବାରଣ ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନି। ସଚେତନତା ଅଭାବରୁ ଗ୍ରାମାଞ୍ଚଳରେ ନିଶାସେବନ ମାତ୍ରାଧିକ ବଢିଗଲାଣି। ନିଶା ସେବନ ବଡ ବଡ ରୋଗକୁ ନିମନ୍ତ୍ରଣ କରୁଥିଲେ ମଧ୍ୟ ଏହାପ୍ରତି କାହାର ଯେପରି ନିଘା ନାହିଁ। ଏସବୁ ଭିତରେ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ କେନ୍ଦ୍ର ସରକାର ଲଞ୍ଚ କରିଛନ୍ତି ଟିଓଏଫଇ ଆପ୍। ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସାରା ଦେଶର ସ୍କୁଲ ଏବଂ କଲେଜଗୁଡ଼ିକରେ ତମାଖୁମୁକ୍ତ ନିୟମାବଳୀର କାର୍ଯ୍ୟାନ୍ୱୟନ ଏବଂ ଏହାର କଡ଼ା ତଦାରଖ କରାଯାଇପାରିବ।

## ବାରଙ୍ଗ ଥାନା ଥାର୍ଡ ଡିଗ୍ରୀ ବିବାଦ ଆଇଆଇସିଙ୍କ ବଦଳି

କଟକ: ବାରଙ୍ଗ ଥାନାରେ ଯୁବକ ରାକେଶ ବେହେରା ଓରଫ ମୁନାଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ଶେଷରେ ପୋଲିସ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଛି। ବିବାଦର କେନ୍ଦ୍ରବିନ୍ଦୁରେ ଥିବା ବାରଙ୍ଗ ଥାନା ଆଇଆଇସି ନିରଞ୍ଜନ ବେହେରାଙ୍କୁ ବଦଳି କରାଯାଇ କଟକ ଡିସିପି ଅଫିସକୁ ପଠାଯାଇଛି। ତାଙ୍କ ସ୍ଥାନରେ ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକଙ୍କୁ ବାରଙ୍ଗ ଥାନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଘଟଣାଟି ସେତେବେଳେ ଚର୍ଚ୍ଚାକୁ ଆସିଥିଲା, ଯେତେବେଳେ ରାକେଶ ବେହେରାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା ଯେ, ବାରଙ୍ଗ ଥାନାରେ ପୋଲିସ ତାଙ୍କୁ ଅମାନବିକ ଭାବେ ନିର୍ଯାତନା ଦେଇଥିଲା।ସୂଚନା ଅନୁସାରେ, ଗତ ୧୬ ତାରିଖରେ ରାକେଶ ନିଜ ସ୍ତ୍ରୀ ନିଖୋଜ ଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପରେ ୨୨ ତାରିଖରେ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହେବା ପରେ ପୋଲିସ ରାକେଶଙ୍କୁ ଚିହ୍ନଟ ପାଇଁ ଥାନାକୁ ଡାକିଥିଲା। ହେଲେ ମୃତଦେହଟି ତାଙ୍କ ସ୍ତ୍ରୀଙ୍କର ନୁହେଁ ବୋଲି ସେ କହିବା ପରେ ତାଙ୍କୁ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଏହି ଅଭିଯୋଗ ପ୍ରକାଶ ପାଇବା ପରେ ଗତ ତିନି ଦିନ ଧରି ରାଜ୍ୟର ରାଜନୈତିକ ଓ ସାମାଜିକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ପୋଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ, ବିଭାଗ ଉପରେ ଚାପ ମଧ୍ୟ ବଢ଼ିଥିଲା। ଏଭଳି ପରିସ୍ଥିତି ମଧ୍ୟରେ ଆଜି (ରବିବାର) ପୋଲିସ ବିଭାଗ ଆଇଆଇସି ନିରଞ୍ଜନ ବେହେରାଙ୍କ ବଦଳି ଆଦେଶ ଜାରି କରିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ, ଆଗାମୀ ଦିନରେ ଆଉ କିଛି କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

# ଲକ୍ଷ୍ମୀ ବସ୍ ଯୋଜନାର ହେବ ଏଜି ଅଡିଟ୍

ଭୁବନେଶ୍ୱର, ୩୧।୫: ପୂର୍ବ ସରକାରଙ୍କ ଲକ୍ଷ୍ମୀ ବସ୍, ଆମ ବସଷ୍ଟାଣ୍ଡ ଯୋଜନାର ଖୋଳତାଡ଼ କରିବେ ବିଜେପି ସରକାର । ଯୋଜନାରେ ଟଙ୍କା ବ୍ୟୟ, ୟୁସି ଦାଖଲ ଓ ପରାମର୍ଶଦାତା ନିଯୁକ୍ତିକୁ ନେଇ ଅକାଉଣ୍ଟାଣ୍ଟ ଜେନେରାଲ ଉଠାଇଛନ୍ତି ପ୍ରଶ୍ନ । ବାଣିଜ୍ୟ ଓ ପରିବହନ ବିଭାଗକୁ ପଠାଯାଇଥିବା ଏକାଧିକ ଅଡିଟ୍ ପତ୍ରରେ ଯୋଜନାର ଅର୍ଥ ବ୍ୟୟ, ୟୁଟିଲାଇଜେସନ୍ ସର୍ଟିଫିକେଟ୍ , ଅବ୍ୟବହୃତ ପାଣ୍ଠି, ପରାମର୍ଶଦାତା ନିଯୁକ୍ତି ଓ ମାଗଣା ବସ୍ ଯାତ୍ରା ପରି ବିଷୟରେ ଭାଗ ପାଖରୁ ସ୍ପଷ୍ଟୀକରଣ ମଗାଯାଇଛି । ଫଳ ବର୍ତ୍ତମାନ ସମୟ ବ୍ୟୟ ବିବରଣୀ ଓ ୟୁସି ଦାଖଲ ନକରାଯାଇଥିବା କଥା ମଧ୍ୟ ଉଠାଯାଇଛି। ବିଶେଷକରି ୨୦୨୪-୨୫ର ତୃତୀୟ ତ୍ରୟମାସିକ ପରଠାରୁ ଖର୍ଚ୍ଚ ବିବରଣୀ ଦିଆଯାଇନଥିବା ନେଇ ଅଡିଟ୍ ଆପତ୍ତି ହୋଇଛି । ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରାର ତଥ୍ୟ ତଲବ କରାଯାଇଛି । ଆରମ୍ଭରୁ ୫୦% ରିହାତି, ୨୦୨୫ ଡିସେମ୍ବରରେ ସମ୍ପୂର୍ଣ୍ଣ ମାଗଣା ଛାତ୍ରଛାତ୍ରୀଙ୍କ ଚିହ୍ନଟ ବ୍ୟବସ୍ଥା, ଅର୍ଥ ମଞ୍ଜୁର, ରାଜସ୍ୱ କ୍ଷତି

## ଆମ ସରକାରରେ ଅର୍ଥ ହେରଫେର ହେବ ନାହିଁ : ମନ୍ତ୍ରୀ



ଲକ୍ଷ୍ମୀ ବସରେ ଅର୍ଥ ହେରଫେର ନେଇ ଏ ଜିଙ୍କ ରିପୋର୍ଟ ଉପରେ ପରିବହନ ମନ୍ତ୍ରୀଙ୍କ ପ୍ରତିକ୍ରିୟାରେ କହିଛନ୍ତି ସରକାର ଗୋଟେ ନିରବଛିନ୍ନ ପ୍ରକ୍ରିୟା । ଗତ ସରକାରରେ ଲକ୍ଷ୍ମୀ ବସ୍‌ରେ କ୍ଷତି ହେବା କଥା ସାମ୍ନାକୁ ଆସିଥିଲା । ଏବେ ୧୪୨୨ ବସ୍‌କୁ ମୁଖ୍ୟମନ୍ତ୍ରୀ ସେବା ନାରେ ରି ରୁଟିଂ କରି ଚଲାଯାଇଛି । ଆମେ ଠିକ ସମୟରେ ଠିକ ବ୍ୟବହାର କରୁଛୁ । ଆମ ସରକାରରେ ଅର୍ଥ ହେରଫେର ହେବ ନାହିଁ । ଏ ଜି ରିପୋର୍ଟ ତର୍ଜମା କରି ପଦକ୍ଷେପ ନେବୁ । ଅନ୍ୟପଟେ ବାଲି ଚୋରା ଚାଲାଣ ନେଇ ଖଣି ମନ୍ତ୍ରୀ ବିଭୁତି ଜେନାଙ୍କ ପ୍ରତିକ୍ରିୟା । କହିଲେ , ବାଲି ଚୋରା ଚାଲାଣକୁ ଧର ପଗଡ଼ କରି ଧରିବା ପ୍ରକ୍ରିୟାକୁ ଜୋରଦାର କରାଯାଇଛି । ବାଲେଶ୍ୱରରୁ ପଶ୍ଚିମବଙ୍ଗ ଚୋରା ଚାଲାଣ ହେଉଥିବା ୯୦ ଗାଡ଼ି ଧରିଛୁ । ରାଜସ୍ବ ସହ ଖଣି ବିଭାଗ ମିଳିତ ଭାବେ ଚଢ଼ାଉ କରାଯାଉଛି । ଗତ ମାସରେ କେବଳ ୫୧ ଲୋକଙ୍କୁ ଗିରଫ କରାଯାଇଛି । ଗତ ସରକାର ତୁଳନାରେ ବାଲି ଚୋରା ଚାଲାଣ ନିୟନ୍ତ୍ରଣକୁ ଆସିଛି ।

ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି । ଅଡିଟ୍ ପକ୍ଷରୁ ଉଠାଯାଇଥିବା ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ୨୦୨୩-୨୪ ଠାରୁ ୨୦୨୫-୨୬ ମଧ୍ୟରେ ଯୋଜନା ପାଇଁ ମୋଟ ୨୮୦୬ କୋଟି ଟଙ୍କାର ଅନୁଦାନ ଦିଆଯାଇଥିବା ବେଳେ ତାହାର ବଡ଼ ଅଂଶ ବର୍ଷ ଶେଷ ପର୍ଯ୍ୟନ୍ତ ବ୍ୟୟ ହୋଇନଥିଲା । ଅଡିଟ୍ ତଥ୍ୟ ଅନୁସାରେ, ୨୦୨୩-୨୪ରେ ୧୫୩.୫୬ କୋଟି, ୨୦୨୪-୨୫ରେ ୩୬୯.୧୮ କୋଟି ଓ ୨୦୨୫-୨୬ରେ ୪୭୮.୩୬ କୋଟି ଟଙ୍କା ଅବ୍ୟବହୃତ ରହିଥିଲା ।
ଏହି ଅର୍ଥ କାହିଁକି ବ୍ୟୟ ହୋଇପାରିଲା ନାହିଁ ଓ ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥ ବ୍ୟବହାର ନହେବା ସତ୍ତ୍ୱେ ପୁଣି କିପରି ଅଧିକ ଅର୍ଥ ପ୍ରଦାନ କରାଯାଇଛି, ସେନେଇ ବିଭାଗରୁ ସ୍ପଷ୍ଟୀକରଣ ମଗାଯାଇଛି । ଅଡିଟ୍ ରିପୋର୍ଟରେ ଓଏସଆରଟିସି ଦ୍ୱାରା ନିର୍ଦ୍ଦିଷ୍ଟ ଜଣାଇଛି । ବର୍ଷ ଅନୁସାରେ ଅର୍ଥ ପ୍ରଦାନ ଓ ୟୁସି ପ୍ରାପ୍ତିର ସମସ୍ତ ତଥ୍ୟ ମାଗାଯାଇଛି । ଲକ୍ଷ୍ମୀ ଯୋଜନା ପାଇଁ ପରାମର୍ଶଦାତା ନିଯୁକ୍ତିକୁ ନେଇ ଉଠିଛି ପ୍ରଶ୍ନ । ଦିଲ୍ଲୀ ଇଣ୍ଟିଗ୍ରେଟେଡ୍ ମଲ୍ଟିମୋଡାଲ୍ ଟ୍ରାନ୍ସିଟ୍ ସିଷ୍ଟମ୍‌କୁ ପରାମର୍ଶଦାତା ଭାବେ ମିଳିଥିଲା ନିଯୁକ୍ତି ।
୨୦୨୩ରେ ମାସିକ ୨ କୋଟି ୧୪ ଲକ୍ଷ ଦେୟରେ ମିଳିଥିଲା ନିଯୁକ୍ତି । ପ୍ରଥମେ ୬ ମାସ ପରେ ଆଉ ୬ ମାସ ଅବଧିକୁ ବୃଦ୍ଧି କରାଗଲା ଚୟନ ପୂର୍ବରୁ କୌଣସି କିମ୍ବା ବଜାର ସର୍ଭେ ହୋଇଥିଲା କି ନାହିଁ ତାକୁ ନେଇ ସନ୍ଦେହ ଜାତ ହୋଇଛି । କମ୍ପାନୀର କାର୍ଯ୍ୟଦକ୍ଷତା ଆଲୋଚନା ରିପୋର୍ଟ ଓ ନିଯୁକ୍ତ ପରାମର୍ଶଦାତାଙ୍କ ଯୋଗ୍ୟତା ବିବରଣୀ ଦେବାକୁ ନିର୍ଦ୍ଦେଶ ବାବଦ ମାସିକ ଓ ତ୍ରୈମାସିକ ରିପୋର୍ଟ ଦାଖଲ ନିର୍ଦ୍ଦେଶ ହୋଇଛି । ଯୋଜନା ପାଇଁ ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ହାର କମିଛି କି ନାହିଁ ସେ ବାବଦରେ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି ।
ଆମ ବସ୍‌ଷ୍ଟାଣ୍ଡ ଓ ଜଳ ପରିବହନ ଯୋଜନା ମଧ୍ୟ ଅଡିଟ୍ ଘେରରେ ରହିଛି । ଆମ ବସ୍‌ଷ୍ଟାଣ୍ଡ ଯୋଜନା ବାବଦ ଟିକିନିକି ହିସାବ ଖୋଜାଚାଲିଛି । ନିର୍ମାଣ, ଅପରେସନ ଓ ରକ୍ଷାଣବେକ୍ଷଣ ପାଇଁ ଅର୍ଥ ମଞ୍ଜୁର ଓ କେତେ ଅର୍ଥ ବ୍ୟୟ ଓ କେତେ ଅର୍ଥ ବଳକା ରହିଛି ତାହାର ସବିଶେଷ ତଥ୍ୟ ଦାଖଲ ନିର୍ଦ୍ଦେଶ ମଧ୍ୟ କରାଯାଇଛି । ଯୋଜନାର ଅର୍ଥ ଅନ୍ୟ କାମରେ ବ୍ୟୟ ଅଭିଯୋଗ ଥିଲେ ବିବରଣୀ ଦେବାକୁ କୁହାଯାଇଛି ।

### ୨୦ ଦିନରେ ୧୦ ଏନ୍‌କାଉଣ୍ଟର୍

# ତଥାପି ଅପରାଧୀ ନିର୍ଭୟ

ଭୁବନେଶ୍ୱର, ୩୧।୫ : ଅପରାଧିଙ୍କୁ ସାବାଡ କରିବାକୁ ପୁଲିସ ଏନକାଉଣ୍ଟର ଫର୍ମୁଲା ଆପଣାଇଛି। ଅଭ୍ୟାସଗତ ଏବଂ ଦୁର୍ଦାନ୍ତ ଅପରାଧିଙ୍କୁ ଆଉ ଜେଲ ନୁହେଁ

## ବ୍ରହ୍ମପୁରରେ ଯୁବକଙ୍କୁ ପଥରେ ଛେଚି ହତ୍ୟା

ବ୍ରହ୍ମପୁର ୩୧।୫: ବ୍ରହ୍ମପୁରରେ ପୁଣି ଏକ ହତ୍ୟାକାଣ୍ଡ । ଫୁଲକୁଣ୍ଡରେ ଛେଚି ଯୁବକଙ୍କୁ ହତ୍ୟା । ହିଲପାଟଣା ପିଡବ୍ଲ୍ୟୁଡି ଅଫିସ ଗଳିରେ ଥିବା ଏକ ପରିତ୍ୟକ୍ତ ଘରେ ଅଜଣା ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ଚିତ୍ର ଦେଖିବାକୁ ମିଳିଛି । ଗୋସାଇଁନୂଆଗାଁ ଥାନା ଗୀତା ଭବନ ନିକଟ ପରିତ୍ୟକ୍ତ ଘରେ ମୃତଦେହ ପଡ଼ିଥିବା ଅଞ୍ଚଳବାସୀ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ । ମୃତଦେହ ନିକଟରେ ଗୋଟିଏ ଫୁଲକୁଣ୍ଡ ପଡ଼ିଥିବା ଦେଖିବାକୁ ମିଳିଛି ।
ଫୁଲକୁଣ୍ଡରେ ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିବା ନେଇ ପୋଲିସ ଆଶଙ୍କା କରିଛି । ଯୁବକଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି । ଖବର ପାଇ ଗୋସାଇଁନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି । ଏଯାଏଁ ଯୁବକଙ୍କ ପରିଚୟ ମିଳିପାରିନି । ଘଟଣାସ୍ଥଳରେ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ପହଞ୍ଚି ଘଟଣାର ତଦନ୍ତ କରିବା ସହ ଖୋଜୁଛି ପ୍ରମାଣ । କିଏ କାହିଁକି ଯୁବକଙ୍କୁ ହତ୍ୟା କରିଛି ପୋଲିସ ତଦନ୍ତ କରୁଥିବା ବେଳେ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା କହିଛନ୍ତି ଗୋସାଇଁନୂଆଗାଁ ଥାନା ଅଧିକାରୀ । କେଉଁ କାରଣରୁ ହତ୍ୟାକାଣ୍ଡ ଘଟିଲା ତାହା ବି ଅସ୍ପଷ୍ଟ ରହିଛି । ନିଶାଶକ୍ତ ଅବସ୍ଥାରେ ଏକାଧିକ ଯୁବକ ଆକ୍ରମଣ କରି ହତ୍ୟା କରିଥିବା ସନ୍ଦେହ କରୁଛନ୍ତି ବୁଦ୍ଧିଜୀବୀ ।

ନିୟନ୍ତ୍ରିତ ପାଳଟା ଗୁଳି ଚାଳନା କରାଯାଇଥିଲା। ଏଥିରେ ଅନେକ ଦୁର୍ଦ୍ଧର୍ଷ ଅପରାଧୀ ଗୋଡ଼ରେ ଗୁଳିବିଦ୍ଧ ହୋଇ ଆହତ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତ ଏନକାଉଣ୍ଟର ହୋଇଥିଲା । ପରେ ଉକ୍ତ ମାସ ୧୬ ତାରିଖରେ ଦୀପୁନା ନାୟକଙ୍କୁ ଏନକାଉଣ୍ଟର କରିଥିଲା ବ୍ରହ୍ମପୁର ପୁଲିସ । ଏହାପରେ ମେ' ୧୭- ସମ୍ବଲପୁର

ଏଥର ସିଧା ଏନକାଉଣ୍ଟର କରୁଛି ପୁଲିସ। ଗତ ୨୦ ଦିନ ମଧ୍ୟରେ ଓଡ଼ିଶାରେ ୧୦ ଜଣ ପେସାଦାର ଅପରାଧି ଗୁଳି ଖାଇଛନ୍ତି। ଝାରସୁଗୁଡ଼ାରେ ଦୁଇଟି ଏନକାଉଣ୍ଟର ହୋଇଥିବା ବେଳେ, ସମ୍ବଲପୁରରେ ଦୁଇଟି, ଗଞ୍ଜାମର ବ୍ରହ୍ମପୁର ୪ ଏନକାଉଣ୍ଟରରେ ୫ ଜଣ ଅପରାଧି ଗୁଳି ଖାଇଛନ୍ତି। ସେହିପରି ଭୁବନେଶ୍ୱର ଏବଂ ସଦ୍ୟ ପୁରୀରେ ହୋଇଥିବା ଏନକାଉଣ୍ଟର ଅପରାଧୀଙ୍କ ପାଇଁ ଏକ କଡ଼ା ବାର୍ତ୍ତା ଦେଇଛି। ଅଧିକାଂଶ ଘଟଣାରେ ଅଭିଯୁକ୍ତମାନେ ପୁଲିସ ଟିମ୍ ଉପରେ ଆକ୍ରମଣ କରିଥିଲେ କିମ୍ବା ଗୁଳି ଚଳାଇଥିଲେ। ଫଳସ୍ୱରୂପ ଆତ୍ମରକ୍ଷା ଏବଂ ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ପୁଲିସ ପକ୍ଷରୁ ଏନକାଉଣ୍ଟର କୌଣସି ଅଭିଯୁକ୍ତଙ୍କର ମୃତ୍ୟୁ ହୋଇନାହିଁ। ଆହତ ସମସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ଏନ୍‌କାଉଣ୍ଟର ମଧ୍ୟରେ ବ୍ରହ୍ମପୁରରେ ୫, ଝାରସୁଗୁଡ଼ାରେ ଦୁଇଟି, ସମ୍ବଲପୁରରେ ଦୁଇଟି ଏନକାଉଣ୍ଟର ହୋଇଛି। ସେହପରି ଭୁବନେଶ୍ୱର ଏବଂ ପୁରୀରେ ଗୋଟିଏ ଲେଖାଏଁ ଏନକାଉଣ୍ଟର ହୋଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏନ୍‌କାଉଣ୍ଟର ହେବା ସତ୍ତ୍ୱେ ଅପରାଧୀଙ୍କ ମନରେ ଭୟ ସଂଚାର ହେଉନାହିଁ, ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ଓଡ଼ିଶାରେ ଗୋଟିଏ ପରେ ଗୋଟିଏ ହତ୍ୟା ଓ ନୃଶଂସ ହତ୍ୟା ଜାରି ରହିଛି। ପ୍ରଥମେ ମେ' ୧୨- ତାରିଖରେ ଝାରସୁଗୁଡାରେ ପ୍ରଥମ ବୁର୍ଲାରେ ଅପରାଧୀ ମନୀଷ ସାହୁକୁ ଏନକାଉଣ୍ଟର କରିଥିବା ବେଳେ। ମେ' ୧୯- ସମ୍ବଲପୁରରେ ଅଭିଯକ୍ତ ବଷ୍ଟି ସୁନାକୁ ଏନକାଉଣ୍ଟର କରିଥିଲା ପୁଲିସ । ମେ' ୨୦- ବ୍ରହ୍ମପୁର ଗିରି ରୋଡରେ ମୁକେଶ ସାହୁକୁ ପୁଲିସର ଏନକାଉଣ୍ଟର ମେ' ୨୫- ଖଣ୍ଡାରେ ଆକ୍ରକଣ ଘଟଣାରେ ଜଗନ୍ନାଥ ସାହୁଙ୍କୁ ଏନକାଉଣ୍ଟର ମେ' ୨୬- ବ୍ରହ୍ମପୁର ସୁଧୀର ପାତ୍ର ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଏନକାଉଣ୍ଟର। ଅଭିଯୁକ୍ତ ରଞ୍ଜନ ମଲ୍ଲିକ, ସରୋଜ ପାତ୍ରଙ୍କୁ ବ୍ରହ୍ମପୁର ରତ୍ନନଗରରେ ଏନକାଉଣ୍ଟର। ମେ' ୨୮- ତାରିଖରେ ଭୁବନେଶ୍ୱରରେ ପପୁନ ମାଝିକୁ ପୁଲିସ ଏନକାଉଣ୍ଟର କରିଥିଲା ।

### ଖୁବଶୀଘ୍ର ମୋହନଙ୍କ ନୂଆ ଟିମ୍

# ହଟିବେ ଅପାରଗ, ଦିଶିବ ନୂଆ ମୁହଁ

ଭୁବନେଶ୍ୱର, ୩୧।୫: ଆସନ୍ତା ଜୁନ୍ ୧୨ରେ ରାଜ୍ୟରେ ବିଜେପି ସରକାରକୁ ଦୁଇ ବର୍ଷ ପୂରିବାକୁ ଯାଉଛି । ଆଉ ସମୟ ଯେତିକି ପାଖେଉଛି, ଲୋକସେବା ଭବନରୁ ଆରମ୍ଭ କରି ପାୱାର କରିଡର ଯାଏଁ ସବୁଠି ଗୋଟିଏ ଚର୍ଚ୍ଚା- ଖୁବଶୀଘ୍ର ମୋହନ ମାଝୀଙ୍କ ମନ୍ତ୍ରିମଣ୍ଡଳର ନବକଳେବର ହେବ । ଗୋଟିଏ ପଟେ କିଛି ମନ୍ତ୍ରୀଙ୍କ ମନରେ ଛନକା ପଶିଥିବା ବେଳେ, ଅନ୍ୟପଟେ ମନ୍ତ୍ରୀ ପଦ ଆଶାରେ ଥିବା ବିଧାୟକଙ୍କ ହାର୍ଟବିଟ୍ ବଢ଼ିଗଲାଣି । କାରଣ ମୁଖ୍ୟମନ୍ତ୍ରୀ ସବୁ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ତର୍ଜମା କରୁଛନ୍ତି, ଆଉ ଏହାରି ଭିତରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଠାରୁ ଗ୍ରିନ୍ ସିଗନାଲ ମିଳିବା ପରେ ଆରମ୍ଭ ହୋଇଯାଇଛି ଜୋରଦାର ଲବି ପଲିଟିକ୍ସ । ବର୍ତ୍ତମାନ ରାଜ୍ୟ ସରକାରରେ ଏକାଧିକ ବିଭାଗର ଦାୟିତ୍ବ ନେଇ ପ୍ରବଳ ଚାପରେ ଅଛନ୍ତି ବହୁ ମନ୍ତ୍ରୀ । କେବଳ ସୁରେଶ ପୂଜାରୀଙ୍କୁ ଛାଡିଦେଲେ ବିଜେପି ସରକାରରେ ପ୍ରାୟ ସବୁ ମନ୍ତ୍ରୀ ଏକାଧିକ ବଡ଼ ବଡ଼ ବିଭାଗର ବୋଝ ମୁଣ୍ଡାଇଛନ୍ତି । ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପରେ ଅବକାରୀ, ପୂର୍ତ୍ତ ଏବଂ ଆଇନ ଭଳି ତିନୋଟି ବଡ଼ ବିଭାଗର ଦାୟିତ୍ୱ ରହିଛି । ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ, ସଂସଦୀୟ ବ୍ୟାପାର, ଏବଂ ଆଇଟି ବିଭାଗ ସମ୍ଭାଳୁଥିବା ବେଳେ, ରବି ନାଏକଙ୍କ ପାଖରେ ପଞ୍ଚାୟତିରାଜ ଓ ପାନୀୟଜଳ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ରହିଛି । ସେହିପରି ଯୁବ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କ୍ରୀଡ଼ା ଓ ଯୁବବ୍ୟାପାର, ଉଚ୍ଚଶିକ୍ଷା, ଏବଂ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଦାୟିତ୍ୱରେ ଅଛନ୍ତି । ନିତ୍ୟାନନ୍ଦ ଗଣ୍ଡ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ବୁଝୁଛନ୍ତି । ଏକକାଳୀନ ଏକାଧିକ ବିଭାଗ ଉପରେ ନଜର ରଖିବାକୁ ସମୟ ଅଣ୍ଟୁନି । ଯାହାର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଭାଗୀୟ କାର୍ଯ୍ୟ ଏବଂ ଲୋକଙ୍କ ସମସ୍ୟା ସମାଧାନ ଉପରେ ପଡୁଛି । ଭଲ ପ୍ରଦର୍ଶନ ପାଇଁ ସୁଯୋଗ ଥିଲେ ମଧ ଅତ୍ୟଧିକ କାର୍ଯ୍ୟ ଚାପ ଏଥିରେ ସବୁଠୁ ବଡ଼ ବାଧକ ସାଜୁଛି ।
ଆସନ୍ତା ଜୁନ୍ ୧୨ରେ ରାଜ୍ୟବାସୀଙ୍କ ଆଗରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ନିଜ ସରକାରଙ୍କ ସଫଳତା ବଖାଣିବେ । ସେଥିପାଇଁ ଏବେଠୁ ପ୍ରାଶାସନିକ ସ୍ତରରେ କସରତ ଆରମ୍ଭ ହେଲାଣି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ଷକର ରିପୋର୍ଟ କାର୍ଡ ପ୍ରସ୍ତୁତ କରି ଲୋକଙ୍କ ସାମ୍ନାରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିଜେ ମୁଖ୍ୟମନ୍ତ୍ରୀ । ପାୱାର କରିଡର ଓ ଦଳୀୟ ମହଲରେ ଚର୍ଚ୍ଚା ହେଉଛି ଯେ, ଏହି ୨ ବର୍ଷ ପୂର୍ତ୍ତି ପାଳନ ସମୟରେ ହିଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ । ଆଉ ଏହି ରିପୋର୍ଟ କାର୍ଡ ହିଁ ମନ୍ତ୍ରୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ସବୁଠୁ ବଡ଼ ଆଧାର ସାଜିବ । କିଛି ମନ୍ତ୍ରୀଙ୍କ ପ୍ରଦର୍ଶନକୁ ନେଇ ଶୀର୍ଷ ନେତୃତ୍ୱ ନଜର ରଖିଛନ୍ତି । ତେଣୁ ସମ୍ପ୍ରସାରଣ ବେଳେ ପ୍ରଦର୍ଶନ ଆଧାରରେ କିଛି ମନ୍ତ୍ରୀଙ୍କ ବିଭାଗ ଅଦଳବଦଳ କରିପାରନ୍ତି ମୁଖ୍ୟମନ୍ତ୍ରୀ । ବର୍ତ୍ତମାନ ରାଜ୍ୟ କ୍ୟାବିନେଟରେ ୬ଟି ମନ୍ତ୍ରୀ ପଦ ଫାଙ୍କା ପଡ଼ିଛି । ଏହି ପଦବୀ ହାତେଇବାକୁ ଏକାଧିକ ବରିଷ୍ଠ ଏବଂ ଯୁବ ବିଧାୟକ ଆଶାୟୀ ଅଛନ୍ତି । ଏଥିପାଇଁ ନିଜ ନିଜ ସ୍ତରରେ ଜୋରଦାର ଲବି କରୁଥିବା ଚର୍ଚ୍ଚା ହେଉଛି । ରାଜ୍ୟ କୋର କମିଟି ଓ ମନ୍ତ୍ରୀସ୍ତରୀୟ ବୈଠକରେ ମଧ୍ୟ ଏ ବାବଦରେ ସିକ୍ରେଟ୍ ମିଟିଂ ହୋଇଥିବା ଚର୍ଚ୍ଚା ହେଉଛି । ଦିଲ୍ଲୀ ଦରବାରରୁ ସବୁଜ ସଙ୍କେତ ମିଳିବା ପରେ ଏବେ ଖାଲି ଶୁଭ ବେଳାକୁ ଅପେକ୍ଷା କରାଯାଇଛି ବୋଲି ରାଜନୈତିକ ପଣ୍ଡିତ ମାନେ କହୁଛନ୍ତି । ଏବେ ସବୁଠୁ ବଡ଼ ପ୍ରଶ୍ନ ହେଉଛି- ମୋହନଙ୍କ ମନ୍ତ୍ରୀମଣ୍ଡଳରୁ କିଏ ହେବେ ଆଉଟ୍ ଆଉ କିଏ ହେବେ ଇନ୍ କେଉଁ ମାପଦଣ୍ଡ ଦେଖି ନିଜ ମନ୍ତ୍ରୀମଣ୍ଡଳରେ ନୂଆ ଚେହେରା ସାମିଲ୍ କରିବେ ମୁଖ୍ୟମନ୍ତ୍ରୀ ରାଜନୈତିକ ସମୀକ୍ଷକଙ୍କ ମତରେ, ଆଞ୍ଚଳିକ ସନ୍ତୁଳନ, ଜାତିଗତ ସମୀକରଣ ଏବଂ ବିଧାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ତଥା ଦକ୍ଷତାକୁ ଏଥର ପ୍ରାଧାନ୍ୟ ଦିଆଯିବ ।
ବିଶେଷ କରି ଯେଉଁ ଜିଲ୍ଲାଗୁଡିକୁ ମନ୍ତ୍ରୀମଣ୍ଡଳରେ ପ୍ରତିନିଧିତ୍ୱ ମିଳିନାହିଁ, ସେଠାରୁ ନୂଆ ଚେହେରାଙ୍କୁ ସୁଯୋଗ ମିଳିପାରେ । ସେପଟେ କାର୍ଯ୍ୟଭାର କମାଇବା ପାଇଁ ବଡ଼ ବିଭାଗଗୁଡିକୁ ଭାଗ କରାଯାଇ ନୂଆ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯିବାର ସମ୍ଭାବନା ରହିଛି । ମୁଖ୍ୟମନ୍ତ୍ରୀ ରିପୋର୍ଟ କାର୍ଡ ଦେଖିବା ପରେ ଜୁନ୍ ୧୨ ପୂର୍ବରୁ ରାଜ୍ୟ ଶାସନତନ୍ତ୍ରରେ ଏକ ବଡ଼ ହଲଚଲ୍ ହେବା ନିଶ୍ଚିତ ବୋଲି କୁହାଯାଇପାରେ ।

# ମନ୍ କି ବାତ୍‌ରେ ଓଡ଼ିଶାର ବେଲପଣା ଓ ଆମ୍ବର ପ୍ରଶଂସା କଲେ ମୋଦୀ

ନୂଆଦିଲ୍ଲୀ, ୩୧।୫ :ଓଡ଼ିଶାର ଆମ୍ବର ସ୍ୱାଦ ଓ ଗୁଣବତ୍ତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉତ୍ପାଦିତ ଆମ୍ବ ଦେଶର ବିଭିନ୍ନ ସ୍ଥାନରେ ଲୋକପ୍ରିୟ ହୋଇଥିବାବେଳେ ଏହା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି ବୋଲି କହିଥିଲେ ।'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମୋଦି ଦେଶବାସୀଙ୍କୁ ବର୍ତ୍ତମାନର ତୀବ୍ର ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ ।
ଦେଶର ପାରମ୍ପରିକ ଖାଦ୍ୟ ଓ ପାନୀୟର ଗୁରୁତ୍ୱକୁ ପୁଣିଥରେ ଉଜାଗର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରବିବାର ପ୍ରସାରିତ ତାଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ସେ ଗ୍ରୀଷ୍ମ ଋତୁରେ ଶରୀରକୁ ସୁସ୍ଥ ଓ ସତେଜ ରଖିବା ପାଇଁ ଦେଶର ବିଭିନ୍ନ ସ୍ଥାନର ପାରମ୍ପରିକ ପାନୀୟ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଓଡ଼ିଶାର ପାରମ୍ପରିକ ବେଲପଣା ଓ ସୁସ୍ୱାଦୁ ଆମ୍ବର ବିଶେଷ ଉଲ୍ଲେଖ କରି ତାହାର ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ମୋଦି କହିଥିଲେ ଯେ, ଗ୍ରୀଷ୍ମ ଋତୁରେ ପ୍ରାକୃତିକ ଓ ସ୍ଥାନୀୟ ପାନୀୟର ଚାହିଦା ବଢ଼ିଥାଏ । ଏହିପାନୀୟ କେବଳ ଶରୀରକୁ ଥଣ୍ଡା ରଖେ ନାହିଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ହୋଇଥାଏ । ଦେଶର ବିଭିନ୍ନ ଅଞ୍ଚଳରେ ମିଳୁଥିବା ପାରମ୍ପରିକ ପାନୀୟ ମଧ୍ୟରେ ଓଡ଼ିଶାର ବେଲପଣା ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି ବୋଲି ସେ କହିଥିଲେ । ବେଲ ଫଳରୁ ପ୍ରସ୍ତୁତ ଏହି ପାନୀୟ ଶରୀରକୁ ଶୀତଳ ରଖିବା ସହ ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିଥାଏ ବୋଲି ସେ ଉଲ୍ଲେଖ କରିଥିଲେ । ଏହାସହ ଓଡ଼ିଶାର ଆମ୍ବର ସ୍ୱାଦ ଓ ଗୁଣବତ୍ତାକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଉତ୍ପାଦିତ ଆମ୍ବ ଦେଶର ବିଭିନ୍ନ ସ୍ଥାନରେ ଲୋକପ୍ରିୟ ହୋଇଥିବାବେଳେ ଏହା ଚାଷୀଙ୍କ ଆର୍ଥିକ ସ୍ଥିତିକୁ ମଧ୍ୟ ସୁଦୃଢ଼ କରୁଛି ବୋଲି କହିଥିଲେ ।'ମନ୍ କି ବାତ୍' କାର୍ଯ୍ୟକ୍ରମରେ ମୋଦି ଦେଶବାସୀଙ୍କୁ ବର୍ତ୍ତମାନର ତୀବ୍ର ଗ୍ରୀଷ୍ମ ପ୍ରବାହ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଅଧିକ ପରିମାଣରେ ପାଣି ପିଇବା, ପାରମ୍ପରିକ ପାନୀୟର ବ୍ୟବହାର ବଢ଼ାଇବା ଓ ଖରାର ପ୍ରଭାବରୁ ନିଜକୁ ସୁରକ୍ଷିତ ରଖିବାକୁ ସେ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ମୁଖରୁ ଓଡ଼ିଶାର ବେଲପଣା ଓ ଆମ୍ବର ପ୍ରଶଂସା ଶୁଣି ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି । ଏହା ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତି ଓ କୃଷିଜାତ ଉତ୍ପାଦକୁ ଜାତୀୟ ସ୍ତରରେ ଆହୁରି ପରିଚିତ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଉଛି ।

## ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ଆରମ୍ଭ

# ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ ଓ କାର୍ଯ୍ୟର ସମୀକ୍ଷା

କେନ୍ଦ୍ରାପଡ଼ା, ୩୧।୫ (ଆନିସ): ଆଜିଠାରୁ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ( ଏସ୍ଆଇଆର )-୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ, ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।



ଏହି ଅବସରରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ରଘୁରାମ ଆର୍. ଆୟର କେନ୍ଦ୍ରାପଡ଼ା ମୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ୱାର୍ଡ ପରିଦର୍ଶନ କରି -୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ। ସେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ରମକୁ ସଫଳ ଭାବେ ରୂପାୟନ କରିବା ପାଇଁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ତା. ୩୦ ମଇରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଏହି ପ୍ରକ୍ରିୟାରେ ନିର୍ବାଚକମାନଙ୍କ ନାମ, ଠିକଣା, ବୟସ, ଯୋଗ୍ୟତା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସୂଚନାର ସତ୍ୟାପନ କରାଯିବ।

ମାନେ ନାଗରିକମାନଙ୍କୁ ପରିଗଣନା ଫର୍ମ ପୂରଣରେ ସହାୟତା କରିବା ସହ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରି ସ୍ୱୀକୃତି ପତ୍ର ପ୍ରଦାନ କରିବେ। ଭୋଟର ତାଲିକାରେ ନାମ ଥିବା ସମସ୍ତ ମତଦାତାଙ୍କୁ ଆବଶ୍ୟକ ସୂଚନା ଓ ଦସ୍ତାବିଜ ପ୍ରଦାନ କରି ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ସେହିପରି ଯୋଗ୍ୟ ହୋଇଥିଲେ ମଧ୍ୟ ଯେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇନାହିଁ, ସେମାନେ ଏହି ଅଭିଯାନ ସମୟରେ ନାମ ଅନ୍ତର୍ଭୁକ୍ତି ପାଇଁ ଆବେଦନ କରିପାରିବେ।

-୨୦୨୬ର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ତା. ୫ ଜୁଲାଇ ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ତା. ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିଗୁଡ଼ିକର ନିଷ୍ପତ୍ତି ତା. ୨ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପନ୍ନ ହେବ ଏବଂ ତା ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା, ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ବ୍ୟକ୍ତି ଓ ଡୁପ୍ଲିକେଟ ନାମଗୁଡ଼ିକୁ ଚିହ୍ନଟ କରି ତାଲିକାରୁ ବିଲୋପ କରିବା ଏବଂ ଏକ ସଠିକ ଓ ବିଶ୍ୱସନୀୟ ଭୋଟର ତାଲିକା ପ୍ରସ୍ତୁତ କରିବା।

ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଏହି ଅଭିଯାନରେ ସକ୍ରିୟ ସହଯୋଗ କରିବା ସହ ମାନଙ୍କୁ ଆବଶ୍ୟକ ସୂଚନା ପ୍ରଦାନ କରି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାକୁ ଆହ୍ୱାନ ଜଣାଇଛନ୍ତି।ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, କେନ୍ଦ୍ରାପଡ଼ା ମୁନିସିପାଲିଟିର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଡେପୁଟି କଲେକ୍ଟର (ନିର୍ବାଚନ) ଅମୀୟ କେତନ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ପଚ୍ଛାମୁଣ୍ଡାଇରେ ପୁଣି ଯାତ୍ରା ବିବାଦ

## ହିରୋଇନ କରିବାକୁ ପ୍ରତିଶୃତି ଦେଇ ବାରମ୍ବାର ଦୁଷ୍କର୍ମ

## ୨. ୮୦ଲକ୍ଷ ଟଙ୍କା ଲୁଟ ଅଶୀଳ ଭିଡ଼ିଓ ଭାଇରଲ ଧମକ

## ଦୁଇ ଅଭିଯୁକ୍ତଙ୍କୁ ଗିରଫ ଓ କୋର୍ଟ ଚାଲାଣ କଲା ପଚ୍ଛାମୁଣ୍ଡାଇ ଆଦର୍ଶ ଥାନା ପୋଲିସ

ପଚ୍ଛାମୁଣ୍ଡାଇ, ୩୧।୫ (ଆନିସ): ସାରା ଓଡିଶାରେ ଚାଲିଥିବା ଯାତ୍ରା ବିବାଦ ଥମିବାର ନାଁ ଧରୁନାହିଁ ସମ୍ପ୍ରତି ଜନୈକା ଯୁବତୀଙ୍କୁ ଯାତ୍ରା ହିରୋଇନ କରିବାର ମିଥ୍ୟା ପ୍ରତିଶୃତି ଓ ପ୍ରଲୋଭନ ଦେଖାଇ ଏକ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନର ପରିଚାଳକ କୁହାଯାଉଥିବା ୨ଜଣ ଯୁବକ ବାରମ୍ବାର ଦୁଷ୍କର୍ମ କରିବା ସହିତ ୨ଲକ୍ଷ ୮୦ହଜାର ଟଙ୍କା ଲୁଟି ନେବା ସହିତ ତାଙ୍କର ଅଶୀଳ ଭିଡିଓ ଭାଇରାଲ କରି ଦେବାର ଧମକ ଦେଇ ପୁନଃରାୟ ଟଙ୍କା ମାଗିବା ଘଟଣାରେ ସମ୍ପୃକ୍ତା ଯୁବତୀ ପଚ୍ଛାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପଚ୍ଛାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏ ସମ୍ପର୍କରେ ଥାନା କେଶ ନଂ ରେ ମୋକଦମା ରୁଜୁ କରି ଯାତ୍ରା ପାର୍ଟି ପରିଚାଳକ କୁହାଯାଉଥିବା ୨ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ପଚ୍ଛାମୁଣ୍ଡାଇ ଆଦର୍ଶ ଥାନାରେ ଦୁଷ୍କର୍ମ ଓ ପ୍ରତାରଣାର ଶିକାର ହୋଇଥିବା ଯୁବତୀଙ୍କ ଏତଲା ଅନୁଯାୟୀ ପଚ୍ଛାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦାଣ୍ଡିସାହି ଗ୍ରାମର ଜନୈକା ଯୁବତୀଙ୍କୁ ତୁଳସୀ ଗଣନାଟ୍ୟରେ ହିରୋଇନ କରି ଦେବାର ମିଥ୍ୟା ପ୍ରତିଶୃତି ଓ ପ୍ରଲୋଭନ ଦେଖାଇ ଉକ୍ତ ଯାତ୍ରା ପାର୍ଟିର ପରିଚାଳକ ବୋଲି ଦାବୀ କରୁଥିବା ବୁଲୁ ପଣ୍ଡା ଓ ଜ୍ୟୋତି ପଣ୍ଡା ନାମକ ୨ଜଣ ଯୁବକ ଗତ ୬. ୪. ୨୦୨୬ ରିଖରେ ଚଉଦକୁଲାଟ ପେଟ୍ରୋଲ ପମ୍ପ ନିକଟରୁ ସମ୍ପୃକ୍ତା ଯୁବତୀକୁ ଉଠାଇ ନେଇ କେନ୍ଦ୍ରାପଡ଼ା ଗରାପୁରର ଏକ ହୋଟେଲକୁ ନେଇଯାଇଥିଲେ ଏହି ଯୁବକ ୨ଜଣ ପୂର୍ବରୁ ଉକ୍ତ ହୋଟେଲରେ ୨ଟି ରୁମ ବୁକ କରିଥିଲେ ଏହା ପରେ ଯୁବକ ୨ଜଣ ପ୍ରଚୁର ମଦ୍ୟପାନ କରିବା ସହିତ ଯୁବତୀ ଜଣକୁ ଏକ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ ପରେ ପରେ ଯୁବତୀ ଜଣକ ଚେତାଶୁନ୍ୟ ହୋଇ ପଡିବାରୁ ଯାତ୍ରା ପାର୍ଟି ପରିଚାଳକ କୁହାଯାଉଥିବା ୨ଜଣ ଯୁବକ ମଦ ନିଶାରେ ଯୁବତୀଙ୍କୁ ଦୁଷ୍କର୍ମ କରିବା ସହିତ ତାଙ୍କ ଅଶୀଳ ଫଟୋ ଓ ଭିଡିଓ କରିଥିଲେ ଏହା ପରେ ୨ଜଣ ଯୁବକ ଗଣ ଦୁଷ୍କର୍ମର ଶିକାର ହୋଇଥିବା ଯୁବତୀଙ୍କୁ ଧମକ ଦେଇ ଏ ଘଟଣା କାହାରି ଆଗରେ ପ୍ରକାଶ କରିବୁ ନାହିଁ ଓ ଯେତେବେଳେ ଡାକିବୁ ଚୁପଚାପ ଆସିବୁ ନହେଲେ ଅଶୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ ଏଥି ସହିତ ଯାତ୍ରା ପାର୍ଟି ହିରୋଇନ କରିବାକୁ ବୁଲୁ ପଣ୍ଡା ସମ୍ପୃକ୍ତା ଯୁବତୀଙ୍କ ଠାରୁ ଉକ୍ତଦିନ ୨ଲକ୍ଷ ୮୦ ହଜାର ଟଙ୍କା ନେଇଯାଇଥିଲେ ତା ପରଦିନ ଉକ୍ତ ୨ଜଣ ଯୁବକ ସମ୍ପୃକ୍ତା ଯୁବତୀଙ୍କୁ ବାଲିଚନ୍ଦ୍ରପୁର ନେଇ ପାର୍ଟି ମାଲିକଙ୍କୁ ସାକ୍ଷାତ କରାଇଥିଲେ ପରେ ପରେ ଯାତ୍ରା ପାର୍ଟି ହିରୋଇନ ହେବା ପାଇଁ ଏଗ୍ରିମେଣ୍ଟ କରିବାକୁ ଆଉ ଠାରେ ଆସିବାକୁ ଯୁବତୀ ଜଣଙ୍କୁ କହିଥିଲେ ଗତ ମେ ମାସ ୧୨ତାରିଖରେ ଯାତ୍ରା ପାର୍ଟି ପରିଚାଳକ ବୋଲି ଦାବୀ କରୁଥିବା ବୁଲୁ ପଣ୍ଡା ସେହି ଝିଅକୁ ଗଗୁଆ ଛକରୁ ବଳପୂର୍ବକ ଉଠାଇ ନେଇ ବଳଦେବଜୀଉ ମନ୍ଦିର କଳିଙ୍ଗ ପ୍ୟାଲେସ ହୋଟେଲକୁ ନେଇ ସେଠାରେ ପୁଣି ଠାରେ ଯୁବତୀ ଜଣଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବା ସହିତ ଯାତ୍ରା ପାର୍ଟି ହିରୋଇନ ହେବାକୁ ଏଗ୍ରିମେଣ୍ଟ କରିବା ନିମନ୍ତେ ଆଉ ୫୦ ହଜାର ଟଙ୍କା ଦାବୀ କରିଥିଲା ମାତ୍ର ଯୁବତୀ ଜଣକ ଏହାକୁ ଅଗ୍ରାହ୍ୟ କରି ଅଟୋ ଯୋଗେ ଘରକୁ ଫେରୁଥିବାବେଳେ ସମ୍ପୃକ୍ତ ବୁଲୁ ପଣ୍ଡା ତାକୁ ନିଜ ବାଇକରେ ବସାଇ ତିନିମୁହାଣୀରେ ଛାଡି ଦେଇଥିଲା ଏହା ପରେ ସମ୍ପୃକ୍ତା ଯୁବତୀ ଜଣକ କୌଣସି ଉପାୟ ନପାଇ ଘରକୁ ଫେରି ଆସିଥିଲା ଏହି ଘଟଣା ପରେ ଯାତ୍ରା ପାର୍ଟି ପରିଚାଳକ ବୋଲି ଦାବୀ କରୁଥିବା ୨ଜଣ ଯୁବକ ସମ୍ପୃକ୍ତା ଯୁବତୀଙ୍କୁ ଭିଡିଓ କଲ କରି ଉଲଂଗ୍ନ ହେବାକୁ ଧମକ ଦେବା ସହିତ ହିରୋଇନ ହେବାକୁ ପୁନଃରାୟ ଟଙ୍କା ଦେବାକୁ ଧମକ ଦେଉଛନ୍ତି ବୋଲି ବାରମ୍ବାର ଦୁଷ୍କର୍ମ ଓ ପ୍ରତାରଣାର ଶିକାର ହୋଇଥିବା ଜନୈକା ଯୁବତୀ ଜଣକ ଗତ ୨୬. ୫. ୨୦୨୬ ରିଖରେ ପଚ୍ଛାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗର ଗୁରୁତ୍ୱ ଉପଲବ୍ଧି କରି ପଚ୍ଛାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଥାନା କେଶ ନଂ ୨୩୩ /୨୬ରେ ଏକ ମୋକଦମା ରୁଜୁ କରି ଯାତ୍ରା ପାର୍ଟି ପରିଚାଳକ କୁହାଯାଉଥିବା ୨ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ଏହି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଚ୍ଛାମୁଣ୍ଡାଇ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିବା ସହିତ ଆଲୋଡନ ସୃଷ୍ଟି କରିଛି ।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ

ଖୋର୍ଦ୍ଧା, ୩୧।୫ (ଆନିସ): ଗୋଡିପୋଖରୀ ଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ସକାଳ ୮ଘଟିକାରେବିଶ୍ବ ତମାଖୁ ବର୍ଜନ ଦିବସପାଳନ କରାଯାଇ ଥିଲା। ଏହାର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କର ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲାର ଅବକାରୀ ଅଧିକ୍ଷିକା ଶ୍ରୀମତୀ ସୁମତି ତ୍ରିପାଠୀ ଯୋଗଦାନ କରି ନିଶା କିଛି ସମୟ ପାଇଁ କ୍ଷଣସ୍ଥାୟୀ ସୁଖ ପ୍ରଦାନ କରି ମନୁଷ୍ୟ ଜୀବନକୁ ବରବାଦ କରିଦିଏ ବୋଲି କହିଥିଲେ।ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ନିଶା ମୁକ୍ତି ପାଇଁ ମାନସିକ ଦୃଢତା ଜରୁରୀ ବୋଲି କହିଥିଲେ। ଏହା ପରେ ଖୋର୍ଦ୍ଧା ଜିଲ୍ଲା କାରାଗାର ପରିସରରେ ଏହାର ଅଧିକ୍ଷକ ଶ୍ରୀ ରାଜିବ କୁମାର ଦାସ ଙ୍କ ସଭାପତିତ୍ବରେ ଏକ ନିଶାମୁକ୍ତ ସଭାରେ ୨୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ କୟେଦୀ ଭାଇମାନେ ଯୋଗଦାନ କରି ନିଶା ବର୍ଜନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଶେଷରେ ବ୍ରହ୍ମାକୁମାରୀ ଖୋରଧା ସେବାକେନ୍ଦ୍ର ତରଫରୁଜ୍ଞାନ ଦର୍ପଣ ମାସିକ ଆଧାତ୍ମିକ ପତ୍ରିକା ସମସ୍ତ ଙ୍କୁ ବଣ୍ଟନ କରାଯିବା ସହିତ ନିଶା ମୁକ୍ତି ର ଶିକ୍ଷା ଦିଆଯାଇ ଥିଲା। ଉପ ସହକାରୀପାଳ ଶ୍ରୀ ଦୟାମୟ ମଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥି ସହିତ ପଲ୍ଲାରେ ଥିବା ନିଶା ନିବାରଣ ସଂସ୍ଥା ମୁକ୍ତି ଫାଉଣ୍ଡେସନ ରେ ୨୫ ଜଣ ଓ ଗୋଡିପୋଖରୀ ଠାରେ ଥିବା ନିଶା ନିବାରଣ ସଂସ୍ଥା ଜୀବନ ଆଶାରେ ୧୫ଜଣ ଅନ୍ତେବାସୀ ନିଶାଡି ଭାଇମାନଙ୍କୁ ନିଶାମୁକ୍ତ ହେବାର ଶିକ୍ଷା ପ୍ରଦାନ କରାଯାଇଥିଲା।

# ଜ୍ଞାନ ଜ୍ୟୋତି ଫାଉଣ୍ଡେସନ ଦ୍ୱାରା ଦହି ପଣା ବଣ୍ଟନର ଶୁଭାରମ୍ଭ



ଓଡ଼ଗାଁ ୩୧।୫ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ଆନୁକୁଲ୍ୟରେ ଜ୍ଞାନ ଜ୍ୟୋତି ଫାଉଣ୍ଡେସନ ଦ୍ବାରା ସରକାରୀ ମେଡିକାଲ ସାମ୍ନାରେ ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡା.ପ୍ରଣତୀ ମଞ୍ଜରୀ ଶର୍ମାଙ୍କ ଉପସ୍ଥିତିରେ ରବିବାର ଦହି ପଣା ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏହି ଜଟିଳ ସମୟର ଜଟିଳତାକୁ ଲକ୍ଷ୍ୟ ରଖି ଜ୍ଞାନ ଜ୍ୟୋତି ଫାଉଣ୍ଡେସନର ସମ୍ପାଦକ ମାନସ ରଞ୍ଜନ ସାହୁଙ୍କ ନେତୃତ୍ୱରେ ବିକାଶ, ସଞ୍ଜୟ, କାହ୍ନୁ ପରିଡ଼ା,ପଞ୍ଚାନନ ଷଡ଼ଙ୍ଗୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀ ମାନେ ଏକାଠି ହୋଇ ପଣା ବଣ୍ଟନ କାର୍ଯ୍ୟକ୍ରମର ହୋଇ ଶୁଭାରମ୍ଭ କରିଥିବା ଯୋଗୁଁ ସେମାନଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି। କେବଳ ଦହି ପଣା ନୁହେଁ, ବରଂ ମିଶିରି,ଭୁଷି,ବେଲ ପଣା ଇତ୍ୟାଦି ବଣ୍ଟନ ନିମନ୍ତେ ଅନୁଷ୍ଠାନର ସଭ୍ୟମାନେ ଅଣ୍ଟା ଭିଡ଼ିଛନ୍ତି।

# ଟାଙ୍ଗରପାଲିରେ ଆମ ପୋଲିସ ବୈଠକ

ସୁନ୍ଦରଗଡ, ୩୧।୫ (ଆନିସ): ସଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମର କଲ୍ୟାଣ ମଣ୍ଡପରେ ଏକ ଆମ ପୋଲିସ ବୈଠକ ସହ ମହିଳା ଓ ଶିଶୁ ସଚେତନତା ଶିବିର ଆୟୋଜନ କରା ଯାଇ ଥିଲା। କ୍ୟାମ୍ପସ ମଧ୍ୟରେ



ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅତିରିକ୍ତ ପୋଲିସ ଅଧିକ୍ଷକ ମିଶ୍ର ସାରଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡିଏସପି କେ. ସାମଲ, ଏସଡିପିଓ ନିର୍ମଳ କୁମାର ମହାପାତ୍ର, ସଦର ଥାନା ଅଧିକାରୀ ସୌଦାମିନୀ ନାଗ ଏବଂ ସିଡବ୍ଲୁସି ସଦସ୍ୟ କେ. ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ବୈଠକ ସମୟରେ ମହିଳା ଏବଂ ଶିଶୁ କଲ୍ୟାଣ ସଚେତନତା ଏବଂ ପୋଲିସ ସମ୍ପ୍ରଦାୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କିଶୋରୀ ଝିଅମାନଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ବିଜେତା ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ହେମଗିର ପୋଲିସ ଦୁଇ ଅଭିଯୁକ୍ତ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ

ସୁନ୍ଦରଗଡ,୩୧।୫ (ଆନିସ): ହେମଗିର ଥାନା ଅନ୍ତର୍ଗତ ଛତାବର ଗ୍ରାମର ସମରେନ୍ଦ୍ର ସେଟ ରାସନ ଦୋକାନରୁ ଗତ ୨୩ ତାରିଖ ମଧ୍ୟ ରାତ୍ରରେ ଦୁର୍ବୃତ୍ତ



ଚୋରମାନେ ଦୋକାନ ତାଲା ଭାଙ୍ଗି ରାସନ ସାମଗ୍ରୀ ଏବଂ ନଗଦ ଟଙ୍କା ଚୋରି କରି ନେଇ ଯାଇଥିଲେ ଏ ନେଇ ହେମଗିର ଥାନାରେ କେସ ନମ୍ବର ୨୪୭/ ୨୦୨୬ ମାମଲା ରୁଜୁ ହୋଇ ଥିଲା ପୋଲିସ ଏହାର ତଦନ୍ତ ଆରମ୍ଭ କରି ଛତାବର ଗ୍ରାମର ମହେନ୍ଦ୍ର ପ୍ରଧାନୀ ଏବଂ ନିର୍ମଳ ଭୋଇଙ୍କୁ ଗିରଫ କରି ତାଙ୍କ ଠାରୁ ଦୁଇଟି ମୋବାଇଲ ଏବଂ ୨୧୫୦/- ଟଙ୍କା ଜବତ କରିଛି ଦୁଇ ଅଭିଯୁକ୍ତ ଙ୍କୁ ଶନିବାର ଦିନ ଜିଲ୍ଲା କୋର୍ଟକୁ ଚାଲାଣ କରିଥିବା ପୋଲିସ ସୂତ୍ରରୁ ଜଣା ପଡିଛି

# ବାଲାଜି କମ୍ପାନୀରୁ ଲକ୍ଷାଧିକ ଟଙ୍କାର କଂକ୍ରିଟ ଚୋରି, ଜଣେ ଗିରଫ



ସୁନ୍ଦରଗଡ଼,୩୧।୫ (ଆନିସ): ହେମଗିର ଥାନା ଅନ୍ତର୍ଗତ ସରଡେଗା ଠାରେ ବାଲାଜି କମ୍ପାନୀର କଂକ୍ରିଟ ଚୋରି କରି ବିକ୍ରି କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ମିଳିଥିବା ସୂଚନା ଅନୁସାରେ ବାଲାଜି କମ୍ପାନୀରେ କାମ କରୁଥିବା ଦୁଇ ଜଣ କର୍ମଚାରୀ ପ୍ରୋଜେକ୍ଟ ମ୍ୟାନେଜର ଅମର ରାଉଳ ଓ ସୁପର ଭାଇଜର ପବିତ୍ର ମହାନ୍ତି ଲକ୍ଷାଧିକ ଟଙ୍କାର କଂକ୍ରିଟ ଚୋରି କରି ବିକ୍ରି କରି ଥିବାର ହେମଗିର ଥାନାରେ ବାଲାଜି କମ୍ପାନୀର ମେକାନିକାଲ ଅଧିକାରୀ ରବି ନାରାୟଣ ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତ୍ତି କରି ହେମଗିର ପୋଲିସ କେସ ନମ୍ବର ୨୫୬/ ୨୬ ରେ ଏକ ମାମଲା ରୁଜୁ କରି ପ୍ରୋଜେକ୍ଟ ମ୍ୟାନେଜର ଅମର ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୁପର ଭାଇଜର ପବିତ୍ର ମହାନ୍ତି ଫେରାର ଥିବାରୁ ପୋଲିସ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

# କେନ୍ଦ୍ର ଅନୁଦାନ ଅସିନି, କନ୍ଧମାଳ ଜିଲାର ୩୩ହଜାର ୧୯୯ ବୃଦ୍ଧବୃଦ୍ଧାଙ୍କୁ ଦୁଇ ମାସ ହେଲା ଭତ୍ତା ମିଳିନି

ଫୁଲବାଣୀ, ୩୧।୫ (ଆନିସ): ସରକାର ୬୦ବର୍ଷ ରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧା ଙ୍କ ଜୀବନ ଶୈଳୀ ରେ ସୁଧାର ଆଣିବା ପାଇଁ ବାର୍ଦ୍ଧକ୍ୟ ଭତା ପ୍ରଦାନ କରୁଛନ୍ତି ହେଲେ କେନ୍ଦ୍ର ସରକାର ଅର୍ଥ ଅନୁଦାନ ନ ଦେବା ଫଳରେ ଗତ ଦୁଇ ମାସ ହେଲାଣି କନ୍ଧମାଳ ଜିଲ୍ଲାର ୩୩ହଜାର ୧୯୯ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଛନ୍ତି ଏହି ଗରୀବ ହିତାଧିକାରୀ ମାନେ କେନ୍ଦ୍ରୀୟ ଯୋଜନା ରେ ଭତ୍ତା ପାଉଥିଲେ ଅନୁଦାନ ନ ମିଳିବାରୁ ଭତ୍ତା ମିଳୁନି ସେମାନଙ୍କୁ କନ୍ଧମାଳ ଜିଲ୍ଲାରେ ମୋଟ୍ ୮୩ହଜାର ୯୭୮ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି ସେଥି ମଧ୍ୟରେ ୪୩ହଜାର ୧୦୫ଜଣ ବାର୍ଦ୍ଧକ୍ୟ ଭତ୍ତା, ୧୬ହଜାର ୧୪୩ବିଧବା ଭତ୍ତା, ୧୦ହଜାର ୪୫୨ଜଣ ଭିନ୍ନ କ୍ଷମ ଭତ୍ତା ପାଉଥିବାବେଳେ ୩ହଜାର ୭୬୫ଜଣ ଅବିବାହିତ ମହିଳା ଭତ୍ତା ପାଉଛନ୍ତି ସେହିପରି ୮୦ବର୍ଷ ରୁ ଉର୍ଦ୍ଧ୍ୱ ୨ହଜାର ୯୭୦ଜଣ ସ୍ୱତନ୍ତ୍ର ଭତ୍ତା ପାଉଛନ୍ତି



ତେବେ ରାଜ୍ୟ ସରକାର ଙ୍କ ଅନୁଦାନ ରେ ଭତ୍ତା ପାଉଥିବା ହିତାଧିକାରୀ ମାନେ ନିୟମିତ ଭାବେ ଭତ୍ତା ପାଉଥିବା ବେଳେ କେନ୍ଦ୍ର ସରକାର ଙ୍କ ଅନୁଦାନ ଅର୍ଥ ରେ ଭତ୍ତା ପାଉଥିବା ଜିଲ୍ଲାର ୩୩ହଜାର ୧୯୯ଜଣ ଦୁଇମାସ ହେଲା ଭତ୍ତା ପାଇବାରୁ ବଞ୍ଚିତ ହୋଇ ଛନ୍ତି ଫଳରେ ସେମାନଙ୍କ ଚଳିବାରେ ଅସୁବିଧା ସୃଷ୍ଟି ହୋଇଛି ତେବେ କିଛି ଗୋଟାଏ ସମସ୍ୟା ସୃଷ୍ଟି ହୋଇଥିବା ରୁ କେନ୍ଦ୍ରୀୟ ଅନୁଦାନ ମିଳିବାରେ ବିଳମ୍ବ ହୋଇଛି ଏ ନେଇ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଅବଗତ ଅଛନ୍ତି ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମ କହିଛନ୍ତି ଅତିଶିଘ୍ର ସଂପୃକ୍ତ ହିତାଧିକାରୀ ମାନଙ୍କୁ ସେମାନଙ୍କ ପାସ ବୁକ୍ ଜରିଆରେ ଭତ୍ତା ପ୍ରଦାନ କରାଯିବ ବୋଲି ପି ପଦ୍ମା କହିଛନ୍ତି ତୁରନ୍ତ ହିତାଧିକାରୀ ମାନଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିବା ପାଇଁ ଦାବୀ ହେଉଛି

# ପାହାଡ ଉଚ୍ଚର ବେଆଇନ ବାଲି ଗଚ୍ଛିତ ରଖିଛି କିଏ?

**ପାରିମାଳ ଠାରେ ଗଚ୍ଛିତ ବାଲିକୁ ନେଇ ପୂର୍ବତନ ନିଆଳୀ ବ୍ଳକ ସଭାପତି ଉଠାଇଲେ ଆପତ୍ତି**

ନିଆଳୀ, ୩୧।୫ (ଆନିସ): କଟକ ଜିଲ୍ଲା ନିଆଳୀ ତହସିଲ ଅନ୍ତର୍ଗତ ପାରିମାଳ ଠାରେ ଗଚ୍ଛିତ ବାଲି କାହାର ଓ କେଉଁଠୁ ଆସିଛି ବାଲି ହଜାର ହଜାର ଟ୍ରିପ ବାଲିର ମାଲିକ କିଏ ଗଚ୍ଛିତ ବାଲି କାହା ଜମିରେ ଗଦା ହୋଇଛି ।

ଜନ ସାଧାରଣଙ୍କ ରାଜସ୍ୱ ଲୁଟ କରୁଛୁ କିଏ ଏମିତି ଅନେକ ପ୍ରଶ୍ନ ବାଣ ମାରିବା ସହିତ କଟକ ଜିଲ୍ଲା ମାଇନ୍ସ ଓ ନିଆଳୀ ରାଜସ୍ୱ ବିଭାଗକୁ କାଠଗଡାକୁ ଟାଣିଛନ୍ତି ନିଆଳୀ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ସୈଭାଗ୍ୟ ରଞ୍ଜନ ବସ୍ତିଆ । ସେ ସାମ୍ବାଦିକ ମାନଙ୍କୁ ଅଭିଯୋଗ କରି କହିଛନ୍ତି ଗତ କିଛି ଦିନ ତଳେ ସିଠାଳୋ ବ୍ରିଜ ନିକଟରେ ବେଆଇନ ବାଲିଘାଟ ଚାଲିଥିଲା ଗଣମାଧ୍ୟମ ଖବର ପ୍ରସାରଣ ପରେ ବାଲିଘାଟ ରାସ୍ତାକୁ ସ୍ଥାନୀୟ ପ୍ରଶାସନ ତାଡି ଦେଲେ । କିନ୍ତୁ ପାରିମାଳ ଠାରେ ଗଚ୍ଛିତ ବାଲି ସିଠାଳୋ ଚୋରା ବାଲି ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି । ଏହି ଚୋରା ବାଲି ଗଚ୍ଛିତରେ ପ୍ରଶାସନର ହାତ ନାହିଁ କି ପାହାଡ ଉଚ୍ଚର ବେଆଇନ ବାଲି ଗଚ୍ଛିତ ଥିବା ସତ୍ତ୍ୱେ କାହିଁକି ମାଇନ୍ସ ଓ ରାଜସ୍ୱ ବିଭାଗର କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଖାଲି ସେତିକି ନୁହେଁ ଦାୟିତ୍ୱରେ ଥିବା ମାଇନ୍ସ ଓ ରାଜସ୍ୱ



ବିଭାଗର ଅଧିକାରୀ ବାଲି ମାଫିଆଙ୍କ ସହିତ ଭିତରେ ବୁଝାମଣା ଯୋଗୁଁ ପାରିମାଳ ଠାରେ ପାହାଡ ଉଚ୍ଚର ବେଆଇନ ବାଲି ଗଚ୍ଛିତ ରହିଛି ବୋଲି ପ୍ରଶ୍ନ କରିଛନ୍ତି । କୋଟି କୋଟି ଟଙ୍କା ବାଲି ଜନସାଧାରଣଙ୍କର ଏଥିରୁ ଯାହା ରାଜସ୍ୱ ଆଦାୟ ହେବ ସାଧାରଣ ଜନତାଙ୍କ କାର୍ଯ୍ୟରେ ଖର୍ଚ୍ଚ ହେବା କଥା କିନ୍ତୁ ନଦୀ ଗର୍ଭରୁ ବେଆଇନ ବାଲି ଚୋରାଚାଲାଣ କରି ଗଚ୍ଛିତ ରଖିବା କେଉଁ ଆଇନ ପରିସରରେ ରହିଛି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ବସ୍ତିଆ । ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆନ୍ଦୋଳନ ସହିତ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଫେରାଦ ହେବା ପାଇଁ ସାମ୍ବାଦିକ ମାନଙ୍କୁ କହିଛନ୍ତି ।

# ତୁମୁଡିବନ୍ଧରେ କାଳବୈଶାଖୀରେ କ୍ଷତି ଗ୍ରସ୍ତଙ୍କୁ ସରକାରୀ ସହାୟତା ଦବୀ

ଫୁଲବାଣୀ, ୩୧।୫ (ଆନିସ): କାଳ ବୈଶାଖୀ ବର୍ଷା ଓ ପବନ ରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ସଦର ମହକୁମା ସମେତ ବ୍ଲକ ଅନ୍ତର୍ଗତ କେତେକ ପଂଚାୟତ କ୍ଷତି ଗ୍ରସ୍ତ ହୋଇଥିବା ଖବର ମିଳିଛି ସଂଧ୍ୟାରେ ହଟତ କଳା ହାଣ୍ଡିଆ ମେଘ ଆସି ପବନ, ବର୍ଷା,ବିଜୁଳି, ଘଡ ଘଡି ରେ ବ୍ୟାପକ କ୍ଷୟକ୍ଷତି ହୋଇଥଲା ଗଛ ଉପୁଡ଼ି ପଡ଼ିବାସହ ବଡ ବଡ ଡାଳ ଭାଙ୍ଗି ପଡ଼ିବାଫଳରେ ରାସ୍ତା ଅବରୋଧ ହୋଇଥଲା ସେହିପରି ଲୋକଙ୍କ ଘର ଦ୍ୱାର ଦୋକାନ ଘର ଉଡେଇ ନେଇଛି। କାଳ ବୈଶାଖୀ ର ତାଣ୍ଡବ ରେ ଅନେକ ଗରିବ ନିରୀହ ଆଦିବାସୀ ମାନଙ୍କ ଘର ଦ୍ୱାର ନାରଖାର ହୋଇଯାଇଛି।କାହାର ତ ଆଜବେଷ୍ଟ ତ କାହାର ଟିଣ ଦୂରକୁ ଉଡିଯାଇଛି। କାହାରତ ଘର ଉପରେ ଗଛ ପଡି କ୍ଷୟ କ୍ଷତି ହୋଇଛି। ଲୋକେଭୟରେ ରାତ୍ର ସାରା ଅନିଦ୍ରା ହୋଇ କିଏ କେଉଁଠି ଲୁଚିକି ରହିଥିଲେ। କେତେକ ଙ୍କ ଘରର କାନ୍ଥ ଭୁସୁଳି ଯାଇଛି।ଚାଉଳ, ଧନ, ଟଙ୍କା, ପଇସା, ଅସବ ପତ୍ର ସବୁ ନଷ୍ଟ ହୋଇଯାଇଛି।କଣ ଖାଇବେ କେମିତି ରହିବେ ଚିନ୍ତାରେ ଅଛନ୍ତି । କାଳ ବୈଶାଖୀ ର ତାଣ୍ଡବ ରେ କ୍ଷୟ କ୍ଷତି ଘଟି ଥିବା ପରିବାର ଙ୍କୁ ପ୍ରଶାସନ ପକ୍ଷରୁ ଯଥା ଶିଘ୍ର ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ଯୋଗେଇଦେବାକୁ ବିଜେପି ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ନେତ୍ର ମାନ ସେଠ୍ ଦାବି କରିଛନ୍ତି



# କଇଁଫୁଲିଆ ପୋଖରୀ ଗାଧୁଆ ତୋଠ ଓ ରାସ୍ତା ନିର୍ମାଣ ପାଇଁ ଦାବି



ପୋଲସରା, ୩୧।୫ (ଆନିସ): ପୋଲସରା ମ୍ୟୁନିସିପାଲିଟି ୮ ନମ୍ବର ୱାର୍ଡ ଅନ୍ତର୍ଗତ କଇଁଫୁଲିଆ ପୋଖରୀ ପୁରୁଷ ଗାଧୁଆ ତୋଠ ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଦୀର୍ଘ ବର୍ଷ ପୂର୍ବରୁ ଲୋକଙ୍କ ପାଇଁ ନିର୍ମିତ ହୋଇଥିବା ଏହି ଏହି ଗାଧୁଆ ତୁଠ କିଛି ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। କଇଁଫୁଲିଆ ପୋଖରୀ ସହରର ଏକ ପୁରାତନ ପୋଖରୀ ଅଟେ ଏବଂ ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ଏଠାରେ ୩ ଟି ଗାଧୁଆ ତୁଠ ନିର୍ମାଣ ହୋଇଥିଲା। କିନ୍ତୁ ପୌରପରିଷଦ ତରଫରୁ ରକ୍ଷଣ ବେକ୍ଷଣ ର ଅଭାବ ଓ ପ୍ରଶାସନିକ ଦ୍ୱାୟିତ୍ୱହିନ କାରଣରୁ ପୁରୁଷ ଗାଧୁଆ ତୋଠ ଏବେ ଭୁଶୁଡିବାରେ ଲାଗିଛି। ବହୁ ବର୍ଷ ତଳୁ ନିର୍ମିତ ହେଇଥିବା ଏହି ତୋଠର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ତୋଠ ଉପର ଭାଗ ପୁରା ଭାଙ୍ଗି ଯାଇଥିବା ବେଳେ ତଳ ଭାଗ ପାହାଚ ରୁ ପଥର ଖସି ପାଣି ଭିତରେ ପଡ଼ିରହିଛି। କେଉଁଠି କେଉଁଠି ବଡ ଗର୍ତ୍ତ ସୃଷ୍ଟି ହୋଇ ବିଷାକ୍ତ ସରୀସୃପ ଙ୍କ ଅଡ୍ଡା ପାଲଟିଛି। କେବଳ ସେତିକି ନୁହେଁ ତୋଠ କୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଏବେ ଜଙ୍ଗଲ ପାଲଟିଛି। କହିବାକୁ ଗଲେ ଏକଦମ ଅଣଓସାରିଆ ରାସ୍ତା ସାଙ୍ଗକୁ ଆବୁଖାବୁ ପଥର ଚଟାଣ ଏବଂ ଶିଉଳିଆ ବଡ ବଡ ପଥର ପାହାଚ ରେ ଘେରି ହୋଇ ରହିଛି । ଟିକେ ଅସାବଧାନତା ହେଲେ ପାଣିରେ ପଡିବା ନହଲେ ମୁଣ୍ଡରେ ଗଭୀର ଆଘାତ ଲାଗିବା ଭଳି ସ୍ଥିତି ଉପୁଜୁଛି। ବିଗତ କିଛି ବର୍ଷ ହେବ ଲୋକଙ୍କ ପାଇଁ ଯମ ଦ୍ୱାରା ପାଲଟିଛି ଏହି ରାସ୍ତା ଓ ଅଭିଶପ୍ତ ଗାଧୁଆ ତୋଠ। ରାସ୍ତା ଟି ଅନାବନା ଗଛଲତା ରେ ଭରି ରହିଥିବା ଯୋଗୁଁ ଯିବା ଆସିବା ବେଳେ ସାପ ଭୟ ରହୁଛି। କିନ୍ତୁ ବର୍ଷ ସାରା ଏହି ପୋଖରୀ ରେ ପାଣି ଭରପୁର ରହୁଛି ଯାହାଫଳରେ ଦୈନିକ ଶତାଧିକ ମହିଳା ପୁରୁଷ ଗାଧୁଆ ଓ ସମୟ ସମୟରେ ଅନ୍ୟ କିଛି ଲୋକେ ଏଠାକୁ ଦଶାହ କର୍ମ ପାଇଁ ଆସିଥାନ୍ତି। ଅନ୍ୟପଟେ ସହର ମଧ୍ୟ ଭାଗରେ ଏହି ପୋଖରୀ ଥିବା କାରଣରୁ ବାହାର ଲୋକ ମଧ ଅଧିକାଂଶ ସମୟରେ ଏଠାକୁ ଅସିଥାନ୍ତା। ସେହିପରି ପୋଲସରା ମ୍ୟୁନିସିପାଲିଟି ତରଫରୁ ଆଲୋକୀକରଣ ବ୍ୟବସ୍ଥା ଥିଲେ ମଧ ଅଧିକାଂଶ ସମୟ ଉକ୍ତ ଅଞ୍ଚଳ ଟି ଅନ୍ଧକାର ହୋଇ ରହିଥାଏ ଯାହା ଫଳରେ ଅନେକ ସମୟରେ ଘଟଣା ଓ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଗାଧୁଆ ତୋଠ ମରାମତି ସହ ସଂଯୋଗ କରୁଥିବା ପୋଖରୀ ରାସ୍ତା କୁ ତୁରନ୍ତ ମରାମତି ଓ ନିର୍ମାଣ କରିବା ସହ ଆଲୋକୀକରଣ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏନେଇ ପୋଲସରା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା ଙ୍କ ସହ ଯୋଗାଯୋଗ ବେଳେ ପୋଲସରା ସହର ର ସମସ୍ତ ପୋଖରୀ ରେ ଥିବା ଗାଧୁଆ ତୋଠ ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଖୁବ ଶୀଘ୍ର ତାହାକୁ ମରାମତି କରାଯିବା ସହ କଇଁଫୁଲିଆ ତୋଠ ରାସ୍ତା କାମ ଓ ଆଲୋକୀକରଣ ବ୍ୟବସ୍ଥା ହେବ ବୋଲି କହିଛନ୍ତି।

# କ୍ରାନ୍ତି ତରଫରୁ ବିଶ୍ୱତମାଖୁ ବର୍ଜନ ଦିବସ ପାଳିତ

## ତମାଖୁ ମୁକ୍ତ ଭାରତ ଗଠନ ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ




ବ୍ରହ୍ମପୁର, ୩୧।୫ (ଆନିସ): ସ୍ଥାନୀୟ ବ୍ରହ୍ମା ନଗର ୧ମ ସରଣୀ ସ୍ଥିତ ଅଗ୍ରଣୀ ସାମାଜିକ ଅନୁଷ୍ଠାନ କ୍ରାନ୍ତି ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ସଚେତନତା କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରେ କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ କର୍କଟ ରୋଗୀ ଡ଼ଃ ଦେବାନନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବିଇ ଏମ୍ ସି ର ମେୟର ସଙ୍ଘମିତ୍ରା ଦଳାଇ, ପୂର୍ବତନ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା , ବ୍ରହ୍ମପୁର ଡେଣ୍ଟାଲ କ୍ଲିନିକ୍ ର ଦନ୍ତ ଚିକିତ୍ସକ ଡାକ୍ତର ଦେବ୍ୟାନି ଦେବ ଓ ଆଇ ଏସ ଆର ଡି ର ନିର୍ଦ୍ଦେଶକ ସୁଧୀର ସାବତ ଓ ସମାଜସେବୀ ବନମାଳୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବିଭିନ୍ନ ଗଣମାଧ୍ୟମ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ତମାଖୁ ସେବନର ଭୟାବହତା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ,ଯୁବସମାଜ ଓ ଜନସାଧାରଣଙ୍କୁ ବୁଝାଇଥିଲେ। ଏଠାରେ ଉପସ୍ଥିତ ଥିବା ସମସ୍ତେ ମାନବ ଶୃଙ୍ଖଳ ମାଧମ ରେ ଏହି ବର୍ଷର ପ୍ରସଙ୍ଗ ଏହାର ଆକର୍ଷଣରୁ ପରଦା ହଟାଇବା-ନିକୋଟିନ୍ ଏବଂ ତମାଖୁ ନିଶା ବିରୋଧରେ ଲଢ଼ିବା ସହ ତମାଖୁ ମୁକ୍ତ ଭାରତ ଗଠନ ପାଇଁ ବଜ୍ର ଶପଥ ନେଇଥିଲେ।କ୍ରାନ୍ତି ର ଡଃ ଦାଶ ସେ ଜଣେ ମୁଖ କର୍କଟ ରୋଗୀ ହୋଇ ଥିବା ଯୋଗୁଁ ସେ ତାଙ୍କର କଷ୍ଟ ଓ ଯନ୍ତ୍ରଣା ମାଧମରେ ସମସ୍ତଙ୍କୁ ସଚେତନତା କରି କିପରି ତମାଖୁ ମୁକ୍ତ ଭାରତ ହୋଇ ପାରିବ ହାତଯୋଡି ନିବେଦନ କରିଥିଲେ। ପରେ ପରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ନିକଟରୁ ଏକ ସଚେତନତା ପଦଯାତ୍ରା ବାହାର କରାଯାଇ ଜନସାଧାରଣ ଙ୍କୁ ସଚେତନ କରା ଯାଇଥିଲା। ଏହି ପଦଯାତ୍ରାରେ ନିମନ୍ତ୍ରିତ ଅତିଥି ମାନଙ୍କ ସହିତ ସାମନ୍ତରାୟ ଏକାଡେମି, ରାମହରି ନଗର ଶିଶୁ ମନ୍ଦିର ର ଏନ୍ ସି ସି ଓ ସ୍କାଉଟ ଛାତ୍ର ଛାତ୍ରୀ, ଆଇ ଏସ ଆର ଡି ଅନୁଷ୍ଠାନ, ଶକ୍ତି ସଦନର କର୍ମକର୍ତ୍ତା ସହ ବିଭିନ୍ନ ଗଣମାଧମ ବ୍ୟକ୍ତି ବିଶେଷ ସହ ଆରକ୍ଷୀ ବାହିନୀ ସମେତ ଏହି ପଦଯାତ୍ରାରେ ଭାଗନେଇ ଲୋକ ମାନଙ୍କୁ ପ୍ରଚାର ପତ୍ର ପ୍ରଦାନ ମାଧ୍ୟମରେ ସଚେତନତା .କରାଯାଇଥିଲା ।ଏହି ପରିରରେ କ୍ରାନ୍ତି ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ଏହି ସମସ୍ତ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନର କ୍ରାନ୍ତି ଅନୁଷ୍ଠାନ ର ସମସ୍ତ ସଦସ୍ୟ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ୱାନ ଷ୍ଟେପ୍ ସେଣ୍ଟର୍ ଓ ସମାନ୍ତରାୟ ଏକାଡ଼େମୀ ର ସମସ୍ତ କର୍ମକର୍ତ୍ତା ସହଯୋଗର ହାତ ବଢ଼ାଇଥିଲେ।

# ପଙ୍କଲବାଡି ଛକରେ ନାହିଁ ପାନୀୟ ଜଳର ବ୍ୟବସ୍ଥା

## ଅଭିଯୋଗ ଆଣିଲେ ଗ୍ରାମବାସୀ



ବୁଗୁଡ଼ା , ୩୧।୫ (ଆନିସ): ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସାଧାରଣ ଜନତାଙ୍କୁ ଶୀତଳ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ଲକ ଜରିଆରେ ବିଭିନ୍ନ ଗ୍ରାମରେ ଦେବାପାଇଁ ବ୍ୟବସ୍ଥା ରହିଅଛି। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପାଙ୍ଗିଡି ପଞ୍ଚାୟତର ପଙ୍କଲବାଡି ଗ୍ରାମର ଛକଠାରେ। ଏହି ଗ୍ରାମଟି ବୁଗୁଡ଼ା ଓ ବାଲିପଦର ମୁଖ୍ୟ ସଡ଼କ ପାଶ୍ୱରେ ଥିବା ବେଳେ ଏହି ଗ୍ରାମର ଛକରେ ପାଞ୍ଚ ସାତ ଖଣ୍ଡ ଗ୍ରାମର ଲୋକମାନେ ବସ, ବାଇକ୍ ଓ ବିଭିନ୍ନ ଯାନବାହାନ ଦ୍ବାରା ଯିବା ଆସିବା କରନ୍ତି। ମୁଖ୍ୟତଃ ଯାତ୍ରୀବାହୀ ବସରେ ଯିବାପାଇଁ ହେଲେ ଗ୍ରାମର ଛକରେ ଅପେକ୍ଷା ଓ ଦୂରଦୂରାନ୍ତରୁ ଆସିଥିବା ଲୋକମାନେ ସେଠାରେ ଥିବା ଯାତ୍ରୀ ବିଶ୍ରାମଗାର ଓ ଗଛ ଛାଇ ଚଟାଣରେ ବିଶ୍ରାମ ନିଅନ୍ତି। ଗ୍ରାମର ଏଠାରେ ପ୍ରତିବର୍ଷ ଗ୍ରୀଷ୍ମ କାଳ ସମୟରେ ପାନୀୟ ଜଳ ଯୋଗାଣ ପଞ୍ଚାୟତ ଦ୍ୱାରା କରାଯାଇଥିଏ। ଗ୍ରାମର ଲୋକମାନଙ୍କ କହିବା ଅନୁସାରେ ଏହି ବର୍ଷ ସେହି ପରି ବ୍ୟବସ୍ଥା କରାଯାଇନାହିଁ। ଲୋକମାନେ ଏହି ବର୍ଷ ସବୁଠାରୁ ଅଧିକ ଗ୍ରୀଷ୍ମ ପ୍ରବାହର ସମୁଖୀନ କରୁଛନ୍ତି। ଏଠାରେ ପ୍ରତିବର୍ଷ ହେଉଥିବା ପାନୀୟ ଜଳ ଯୋଗାଣ ପାଇବାରୁ ବଞ୍ଚିତ ହୋଇଛନ୍ତି। କେଉଁ କାରଣରୁ ଏଠାରେ ଜନସାଧାରଣ ମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଯୋଗାଣର ବନ୍ଦୋବସ୍ତ ହୋଇପାରିଲା ନାହିଁ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ବାବାଜୀ ବେହେରା, ସନ୍ତୋଷ ସ୍ବାଇଁ, ଲକ୍ଷ୍ମଣ ବିଷୋୟୀ, ରାମଚନ୍ଦ୍ର ସ୍ବାଇଁ, ବୁଲୁ ପ୍ରଧାନ,ବାଦଲ ଜେନା ସମେତ ବହୁ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି।

# ଜିଲ୍ଲା କଳାକାର ସଂଘର ବ୍ଲକ ସ୍ତରୀୟ ବୈଠକ

ବୁଗୁଡ଼ା, ୩୧।୫ (ଆନିସ): ଗଞ୍ଜାମ ଜିଲ୍ଲା ମୂର୍ତ୍ତିଶିଳ୍ପୀ, ପଟ୍ଟଚିତ୍ର ଓ ରଙ୍ଗତୁଳୀ କଳାକାର ସଂଘ ପକ୍ଷରୁ ବ୍ଲକ ସ୍ତରୀୟ ବୈଠକ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବୁଦ୍ଧଖୋଲ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ଜିଲ୍ଲା ଉପସଭାପତି ବସନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ




ଏଥିରେ ସମ୍ପାଦକ ହିନ ସ୍ବାଇଁ, ସହ ସମ୍ପାଦକ ଅକ୍ଷୟ କୁମାର ସାହୁ, କୋଷାଧକ୍ଷ ଭଗବାନ ବେହେରା, ଶିବରାମ ରାଉତ ସଭାପତି ବେଲଗୁଣ୍ଠା, ରବିନାରାୟଣ ପଣ୍ଡା,ଭାଗ୍ୟ ମଲିକ, ଗୋପାଳକୃଷ୍ଣ ଜେନା, ଦେବାନନ୍ଦ ନାୟକ, ସୁକାନ୍ତ ବିଷୋୟୀ,ସନାତନ ଗୌଡ଼,ଅରୁଣ ବାଡତ୍ୟା ଓ ବେଗୁନିଆ ପଡ଼ା, କବିସୂର୍ଯ୍ୟନଗର, ପୁରୁଷୋତ୍ତମ ପୁର ସମେତ ବିଭିନ୍ନ ବ୍ଲକର କର୍ମକର୍ତ୍ତା ମାନେ ବୈଠକରେ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିବା ବେଳେ ମୁଖ୍ୟ ପ୍ରସଙ୍ଗ ସଙ୍ଗଠନକୁ ସୁଦୃଢ କରିବା, ସମାଜସେବା କ୍ଷେତ୍ରରେ ବୃକ୍ଷ ରୋପଣ, ପରିବେଶକୁ ସ୍ବଚ୍ଛତା ଦିଗରେ ସମାଜକୁ ସଚେତନତା କରିବା ଭଳି ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବୁଗୁଡ଼ା ବ୍ଲକ କଳାକାର ସଂଘର ସଭାପତି ବସନ୍ତ କୁମାର ମହାରଣା ବୈଠକ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅନ୍ୟ କଳାକାର ଭାଇମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ଓଡିଶା ସିଭିଲ ସର୍ଭିସରେ ଉତ୍ତୀର୍ଣ୍ଣ ବୁଗୁଡ଼ାର ସଂଘମିତ୍ରା ପାତ୍ର ସମ୍ବର୍ଦ୍ଧିତ



ବୁଗୁଡ଼ା, , ୩୧।୫ (ଆନିସ): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ସହରର ନୂଆଁ ସାହିର ଧ୍ରୁବ ଚରଣ ପାତ୍ର ଓ ଗୀତାଞ୍ଜଳୀ ପାତ୍ରଙ୍କ କନ୍ୟା ତଥା ଭଞ୍ଜନଗର ସିଭିଲ ଜଜ୍ କୋର୍ଟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟରତ ସୁଶ୍ରୀ ସଂଘମିତ୍ରା ପାତ୍ର ପ୍ରକାଶ ପାଇଥିବା ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ମେରିଟ୍ ସଂଖ୍ୟା ୧୮୭ ରେ ଉତ୍ତୀର୍ଣ୍ଣ ହୋଇ ବୁଗୁଡ଼ା ପାଇଁ ଗୌରବ ଆଣିପାରିଛନ୍ତି। ସୁଶ୍ରୀ ସଂଘମିତ୍ରା ଙ୍କ ଏହି ସଫଳତା ପାଇଁ ବୁଗୁଡ଼ା ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ସଂଯୋଜନାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘମିତ୍ରାଙ୍କ ଏହି ସଫଳତା ପାଇଁ ବୁଗୁଡ଼ା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଘୁମୁସର ର ସ୍ବର ପକ୍ଷରୁ ୧୬୨ତମ ସାହିତ୍ୟ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା




ବୁଗୁଡା, ୩୧।୫ (ଆନିସ): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ଅହଲ୍ୟା ଦେବୀ ମହାବିଦ୍ୟାଳୟ ଠାରେ ଓଡ଼ିଆ ଭାଷା ସାହିତ୍ୟ କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ଘୁମୁସର ର ସ୍ବର ବାଲିପଦର ପକ୍ଷରୁ ପବିତ୍ର ପୁରୁଷୋତ୍ତମ ମାସ ଜ୍ୟେଷ୍ଠ ମଳ ପୁର୍ଣ୍ଣିମା ଅବସରରେ ୧୬୨ତମ ସାହିତ୍ୟ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭା ପ୍ରତିଷ୍ଠାନର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ବି. ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ବରେଣ୍ୟ ଅତିଥି ଭାବେ କବି ପଦ୍ମ ଲୋଚନ ଗୌଡ, କବି ସୁରେଶ ଚନ୍ଦ୍ର ପାଢ଼ୀ, ବାଲିପଦର ହାଇସ୍କୁଲ ପ୍ରଧାନ ଶିକ୍ଷକ ଇ. ନିଳାଚଳ ପାତ୍ର, ଖରିଡା ମାସ୍ତପ୍ନଶ୍ବରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ,ଅଧ୍ୟାପିକା ଇତିଶ୍ରୀ ନାୟକ, ସମାଜସେବୀ ଖଳି ପରିଡା, ବୃନ୍ଦାବନ ମହାନ୍ତି, ବଳରାମ ମହାରଣା ଯୋଗଦେଇ, ସାହିତ୍ୟିକ ମାନେ ମାଟି ମନସ୍କ ହେଲେ ଭାରତୀୟ ସଂସ୍କୃତିର ବିକାଶ ଘଟିବା ସହିତ ଆଧୁନିକ ଯୁବପିଢିଙ୍କ ମାନସିକତାରେ ପରିବର୍ତ୍ତନ ଆସିବ ବୋଲି ମତବ୍ୟକ୍ତ କରିଥିଲେ।ଦ୍ବିତୀୟ ପର୍ଯ୍ୟାୟରେ କବିତା ପାଠ ପରେ ଚଳିତ ବର୍ଷ ଯୁକ୍ତ ଦୁଇ ପରିକ୍ଷାରେ ୫୨୫ନମ୍ବର ରଖି କୃତିତ୍ବ ଅର୍ଜନ କରିଥିବା ୧୧ଜଣ ଛାତ୍ରୀ ମୀରାଗୌଡ, ରୁଦ୍ରାକ୍ଷୀ ପ୍ରଧାନ, ସନ୍ଧ୍ୟା ରାଣୀ ସାହୁ, ସ୍ମୃତିରାଣୀ ଗୌଡ, ମୋନାଲିସା ଗୌଡ, ନନ୍ଦିନୀ ମହାରଣା, ରିଙ୍କି ମହାରଣା, ରଶ୍ମିତା ପଟ୍ଟନାୟକ, ସର୍ବାଣୀ ମହାରଣାଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ଘୁମୁସର ର ସ୍ବର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ପୋଲସରାର ପ୍ରଦିପ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓ.ପି.ଏସ.ସି ପରୀକ୍ଷାରେ ଆସିକା ସ୍ନିଗ୍ଧା ସେନାପତିଙ୍କ ସଫଳତା



ଆସିକା , ୩୧।୫ (ଆନିସ): ଓଡିଶା ଲୋକସେବା ଆୟୋଗ ୨୦୨୪ ବର୍ଷର ଓଡିଶା ପ୍ରଶାସନିକ ସେବା ପରିକ୍ଷାରେ ଆସିକା ହାଟପଦା ଅଚଂଳର ଝିଅ ସ୍ନିଗ୍ଧା ସେନାପତି ରାଜ୍ୟରେ ୬୩ ର୍ୟାଙ୍କରେ ରହି ସଫଳତା ହାସଲ କରିଛନ୍ତି । ସେ ନିଜର ତୃତୀୟ ପ୍ରୟାସରେ ସଫଳତା ପାଇଥିବା ପ୍ରତିକ୍ରିୟାରେ ରଖିଛନ୍ତି । ଆସିକା ଅଂଚଳର ବରିଷ୍ଠ ସମାଜସେବୀ ଏମ.ତାରିଣୀ ସେନାପତି ଏବଂ ରଶ୍ମିତା ସେନାପତିଙ୍କ ଝିଅ ସ୍ନିଧା ସେନାପତି ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ରୁପେ ପରିଚିତ ଥିଲେ । ଆସିକା ଅଚଂଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମେଟ୍ରିକ ପରିକ୍ଷାରେ କୃତିତ୍ୱ ହାସଲ କରିବା ପରେ ସେ ଦକ୍ଷ ପ୍ରଶାସନିକ ଅଧିକାରିଣୀ ହେବା ପାଇଁ ଲକ୍ଷ୍ୟ ରଖିଥିଲେ । ସ୍ନିଗ୍ଧା ସେନାପତି ନିଜର ସଫଳତାର ଶ୍ରେୟ ପିତା ଏମ.ତାରିଣୀ ସେନାପତି ଓ ମାତା ରଶ୍ମିତା ସେନାପତିଙ୍କୁ ଦେଇଥିବା ବେଳେ ତୃଣମୂଳ ସ୍ତରରେ ରହି ଲୋକଙ୍କ ସେବା କରିବା ପାଇଁ ମନସ୍ତ କରିଛନ୍ତି । ବିଶେଷକରି ଶିକ୍ଷା ଓ ଜନସେବାକୁ ଅଧିକ ଗୁରୁତ୍ୱ ଦେବା ସାଙ୍ଗକୁ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କିପରି ହୋଇପାରିବ ତାହାକୁ ସର୍ବାଧିକ ପ୍ରାଥମିକତା ଦେବେ ବୋଲି କହିଛନ୍ତି । ତାଙ୍କର ଏହି ସଫଳତା ପରେ ବିଭିନ୍ନ ଦିଗରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟି ଥିବା ଜଣାପଡିଛି ।

# ଅଧ୍ୟାପିକା ଓ କିରାଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନର୍ଲା,୩୧/୫(ଆନିସ): ମେ ୩୦ ତାରିଖ ଶନିବାର ଦିନ ପୂର୍ବାହ୍ନ ଏଗାର ଘଣ୍ଟା ସମୟରେ ନର୍ଲାସ୍ଥିତ ଯୁକ୍ତ ତିନି କଳା ବିଜ୍ଞାନ କଲେଜ ପ୍ରାଙ୍ଗଣରେ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ସୁଶାନ୍ତ କୁମାର ସାହୁ ଅଧକ୍ଷତା କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜ୍? ପ୍ରତିଷ୍ଠାତା ଅଶୋକ କୁମାର ଚାନ୍ଦ ଓ ପୂର୍ବତନ ସରପଞ୍ଚ ଅନି ବିଶ୍ୱାଳ ମଞ୍ଚାସିନ ହୋଇଥିଲେ । ଦୀର୍ଘ ବର୍ଷ ଧରି ଯୁକ୍ତ ତିନି କଲେଜ ପାଇଁ ଇଂରାଜୀ ଅଧ୍ୟାପିକା ଶ୍ରୀମତୀ ବାସନ୍ତୀ ସାହୁ ଅହରହ ଚିନ୍ତନ କରିଥିବା ଓ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଭବିଷ୍ୟତ ଗଠନରେ ମାର୍ଗ ଦର୍ଶନ ଦେଇଥିବା ଶ୍ରୀମତୀ ସାହୁ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ ବିଦାୟ ଦିଆଯାଇ ଥିଲା। ତତ ସହିତ ବରିଷ୍ଠ କିରାଣୀ ସନ୍ତୋଷ ନାୟକଙ୍କୁ ମଧ୍ୟ ସ୍ବାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ ଚାନ୍ଦ, ରାଜେଶ ଚାନ୍ଦ, ଦୀପୁ ପାତ୍ର , ସନ୍ତୋଷ ପାତ୍ର, ଚିନ୍ତାମଣି ନାଏକ,ଡୋଳାମଣି ସାହୁ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘ ର ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ




ରାୟଗଡ଼ା, ୩୧।୫ (ଆନିସ): ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘ ର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଛି । ରାୟଗଡ଼ା ରାଣିଗୁଡା ଫର୍ମ ଠାରେ ଜିଲ୍ଲା ସଭାପତି ମହନ ରାଓ ମାଝି ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଶ୍ରୀ ଯୋଗେଶ୍ୱର ଦାସ , ପ୍ରଭାରୀ ବିଶ୍ୱ ରଞ୍ଜନ ସାହା , ଯୋଗ ଦେଇ ଚଳିତ ମାସ ୨୧ ତାରିଖ ଦିନ ହେବାକୁ ଥିବା ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ମିଳନୀ ସହ ନୂତନ କର୍ମକର୍ତ୍ତା ଚୟନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ଆଗାମୀ ଦିନରେ ରାୟଗଡ଼ା ଜିଲ୍ଲାରେ ଭାରତୀୟ ମଜଦୁର ସଂଘ କୁ ପଞ୍ଚାୟତ ଏବଂ ବ୍ଲକ ସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ କିଭଳି ସଂଗଠନ କୁ ବିସ୍ତାର ଓ ମଜଭୂତ କରାଯିବ ତାପାଇଁ ପ୍ରସ୍ତୁତି କରାଯାଇଥିଲା ଏବଂ ବିଭିନ୍ନ ସଂଗଠନ ର ସମସ୍ୟା ଦାବି ଗୁଡିକ କୁ କିଭଳି ବ୍ଲକ ଜିଲ୍ଲା ରାଜ୍ୟ ସ୍ତର ରେ ଆଲୋଚନା କରାଯାଇ ତାହାର ସମାଧାନ କରାଯିବା ପାଇଁ ଆଲୋଚନା କରାଯାଇଥିଲା ।

ଉକ୍ତ ବୈଠକରେ ଅଲ ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କର ଆସିସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଓଡ଼ିଶା ରାଜ୍ୟ ହସ୍ପିଟାଲ କର୍ମଚାରୀ ସଂଘ , ଓଡିଶା ପାଚିକା ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଜେକେ ପେପର ମଜଦୂର ସଂଘ , ଉତ୍କଳ ଆଲୁମିନା ଠିକା ମଜଦୂର ସଂଘ , ଇମ୍ପା ଠିକା କର୍ମଚାରୀ ସଂଘ, ରାୟଗଡ଼ା ପରିବା ବ୍ୟବସାୟ ମଜଦୂର ସଂଘ , ରାୟଗଡ଼ା ସଫେଇ ମଜଦୂର ସଂଘ , ରାୟଗଡ଼ା ଜିଲ୍ଲା ରାଜ ମେସ୍ତ୍ରୀ ସଂଘ ସହ ୧୧ ଟି ବ୍ଲକର ନେତୃବୃନ୍ଦ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ଶେଷରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଉକ୍ତ କାର୍ଯ୍ୟକ୍ରମକୁ ଧର୍ମ ସିଂ ନାଗ , ଦୂର୍ଗା ମାଧବ ଘୋଷ , ଶ୍ରୀମତୀ ଉଷାରାଣୀ ଦାଶ , ଗୀତାଞ୍ଜଳି ହୀଆଲ , ତମାଳ ସାହୁକାର , କସ୍ତୁରୀ ନାୟକ , ସୂର୍ଯ୍ୟକାନ୍ତି ହରିଜନ, ସୁରେଶ ଚନ୍ଦ୍ର ସାହୁ, ଗୋବିନ୍ଦ କଣ୍ଡଗିରୀ, ପରମେଶ୍ୱର ହିପୀରିକା ପରିଚାଳନା କରିଥିଲେ ।

# କାଳବୈଶାଖୀରେ ପୋଲସରା କଲେଜରେ ବ୍ୟାପକ କ୍ଷୟକ୍ଷତି



ପୋଲସରା, , ୩୧।୫ (ଆନିସ):ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଗତ ୨୭/୦୫/୨୬ ତାରିଖ ରାତ୍ର ୧୨ ଘଣ୍ଟ ସମୟରେ ହୋଇଥିବା କାଳବୈଶାଖୀ ବର୍ଷା ଓ ଝଡ ଦ୍ୱାରା କଲେଜର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡିଛି । ସମସ୍ତ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ କ୍ଷତି ହୋଇ ବିଦ୍ୟୁତ୍? ସଂଯୋଗ ଛିନ୍ନ ହୋଇଯାଇଛି । ଏଥିସହ କମ୍ପ୍ୟୁଟର ବିଭାଗ ମଧ ଅଚଳ ହୋଇଯାଇଛି। ବଜ୍ରପାତ ଦ୍ୱାରା ମହାବିଦ୍ୟାଳୟର କୋଠା କ୍ଷୟ କ୍ଷତି ହୋଇଛି। ଆଗକୁ ଛାତ୍ରଛାତ୍ରୀଙ୍କ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ବିଦ୍ୟୁତ ସରବରାହ କ୍ଷତିଗ୍ରସ୍ତ ହୋଇଥିବା ସହ କମ୍ପ୍ୟୁଟର ବିଭାଗ ଅଚଳ ଯୋଗୁଁ ଚିନ୍ତାର କାରଣ ହୋଇଛି। ଉଚ୍ଚ କର୍ତ୍ତୃପକ୍ଷ କଲେଜର କ୍ଷୟକ୍ଷତି ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅଧକ୍ଷ, ଅଧାପକ, ଅଧାପିକା ଏବଂ କର୍ମଚାରୀଙ୍କ ସମେତ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି।

# ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତଙ୍କୁ ସୃଜନ ଶ୍ରୀ ସମ୍ମାନ



କବିସୂର୍ଯ୍ୟନଗର, , ୩୧।୫ (ଆନିସ):ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କବିସୂର୍ଯ୍ୟ ନଗର ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଦର୍ଶନ ଅଧାପକ ଶ୍ରୀଯୁକ୍ତ ହେମନ୍ତ କୁମାର ଗନ୍ତାୟତଙ୍କୁ ବାଲେଶ୍ୱର ସହର ସ୍ଥିତ ଗାନ୍ଧୀସ୍ମୃତି ଭବନ ଠାରେ ଅପରାହ୍ନ ପତ୍ରିକାର ୧୬ତମ ବାର୍ଷିକୋତ୍ସବରେ ଓଡିଶା ରାଜ୍ୟସ୍ତରୀୟ ସାରସ୍ୱତ ମହୋତ୍ସବ କିତା କୁମ୍ଭ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ୨୦୨୬ ରେ ଅପରାହ୍ନ ପତ୍ରିକା ଦ୍ୱାରା ସୃଜନ ଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଇଛି ଉକ୍ତ ଉତ୍ସବରେ ୩୦ଟି ଜିଲ୍ଲା ତଥା ରାଜ୍ୟ ବାହାରର ଅନେକ ପ୍ରତିଭାବାନ ବ୍ୟକ୍ତିତ୍ୱମାନେ ଯୋଗଦାନ କରିଥିଲେ, ଏଥିରେ ଅଧାପକ ଗନ୍ତାୟତ ଦାର୍ଶନିକ ତତ୍ତ୍ୱ ସମ୍ବଳିତ ତଥା ରୀତିଯୁଗର ଛନ୍ଦ ଯୁକ୍ତ କବିତା ପାଠ କରି ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି । ଏଥି ପୂର୍ବରୁ ସେ ଦିବ୍ୟଦର୍ଶ କଳାପରିଷଦ ବ୍ରହ୍ମପୁର, ପୁରାତନ ଦୈନିକ ଖବର କାଗଜ ଦୈନିକଆଶା ପକ୍ଷରୁ ଜିଜ୍ଞାସାରେ ଶ୍ରୀଜଗନ୍ନାଥ, ଉତ୍କଳୀୟ ଯୋଗ ବେଦାନ୍ତ ପରିଷଦ ପୁରୀ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀବିହାର ପୁରୀ,ଶର୍ମି କାବ୍ୟ ଲେଖା ସାହିତ୍ୟ ସଂସଦ ବିଶାଖାପାଟଣା, ବୀଣାପାଣି ସାହିତ୍ୟ ସଂସଦ କେନ୍ଦୁଝର, ବାଣୀ ବିଥିକା ପରିବାର, ନୀଳାଚଳ ସାହିତ୍ୟ ସୃଜନୀ, ଆମ ଅଗଣାର ସଜ ଫୁଲ ପରିବାର , ଜୟ ଶ୍ରୀଜଗନ୍ନାଥ ପ୍ରଭୁ ପରିବାର, ସୁନାର ଗୌରାଙ୍ଗ ପରିବାର କଟକ, ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ମେଘାସିନୀ ସାହିତ୍ୟ ସଂସ୍କୃତି ପରିଷଦ ମୟୂରଭଞ୍ଜ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇ ଆସିଛନ୍ତି ।

# ଝିଅ ବିଦାୟୀ ବେଳେ ମ୍ୟାକ୍ସ ପିକଅପ ଓଲଟିଲା ୧୫ ଆହତ, ୩ ଗୁରୁତର





ରାୟଗଡା,୩୧।୫(ଆନିସ) କୋଲନରା ବ୍ଲକ ଅନ୍ତର୍ଗତ ଭୋଇମଡା ପଞ୍ଚାୟତର ମରିଚକଣା ଘାଟିରେ ଏକ ପିକପ୍ ଭ୍ୟାନ୍ ଓଲଟି ପଡିଛି। ଆଜି ଝିଅର ବାହାଘର ପାଇଁ ୨ ଗ୍ରାମର ଲୋକ ମାନେ ବାହାଘର ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ଏକ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିବାରୁ ୩ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ତେଡା ଘାଟିରେ ଘଟିଥିବା ଜଣାପଡିଛି। ସମସ୍ତ ଆହାତ ଓ ଗୁରୁତର ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ମୁକୁନ୍ଦପୁର ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଆରଗୁସୋଲା ଗ୍ରାମ ଠାରୁ (ଓଡି ୧୮ ଏମ୍ ୫୩୦୧) ନମ୍ବର ବିଶିଷ୍ଟ ଏକ ପିକଅପ୍ ଭ୍ୟାନ୍‌ରେ କିଛି ଲୋକ ମରିଚକଣା ଗ୍ରାମକୁ ବାହାଘର ପାଇଁ ଭୋଜିରେ ଯୋଗଦେବା ପାଇଁ ଯାଉଥିଲେ। ତେବେ ତେଡା ଗାଁ ଠାରୁ ପ୍ରାୟ ପାଞ୍ଚ ଶହ ମିଟର ଦୂରରେ ଥିବା ଘାଟି ଉପରେ କୌଣସି କାରଣରୁ ଭାରସାମ୍ୟ ହରାଇ ହଠାତ୍ ସେହି ପିକପ୍ ଭ୍ୟାନଟି ପଛକୁ ଗଡିଯାଇ ରାସ୍ତା ଠାରୁ ପ୍ରାୟ ୧୫ ଫୁଟ ତଳକୁ ଖସି ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ଦୁଇଜଣ ମହିଳା ଓ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ କିଛି ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ମୁକୁନ୍ଦପୁର ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ମୁକୁନ୍ଦପୁର ଫାଣ୍ଡି ଅଧିକାରୀ ଉମାଶଙ୍କର ତ୍ରିପାଠୀ ନିଜ ପୋଲିସ ଟିମ୍ ସହିତ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ୩ ଜଣଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗୁରୁତର ଆହତମାନଙ୍କ ମଧ୍ୟରେ ସେକା ପୁଆଲା,,କୁମ୍ଭର ପୁଆଲା ଓ ପେଣ୍ଟା ମଣ୍ଡାଙ୍ଗୀ ରହିଥିବା ଜଣାପଡିଛି। ସେକ ପୁଆଲାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିବା ଡିଏଚଏଚ ସୂତ୍ରରୁ ଜଣାପଡିଛି ।

**ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥**

# ଭାରତୀୟ ମୌସୁମୀ ବାୟୁର ପରିବର୍ତ୍ତନ ଚିନ୍ତାଜନକ

ମୌସୁମୀ ବାୟୁ ଯାହାକି ବଂଗୋପସାଗରରୁ ଗତିକରେ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଉତ୍ତରପୂର୍ବ ରାଜ୍ୟ ସମୂହ ଏବଂ ପଶ୍ଚିମବଙ୍ଗର ଉପକୂଳ ଅଞ୍ଚଳକୁ ଛୁଇଁ ଜୁଲାଇମାସ ୧୫ ତାରିଖ ସୁଦ୍ଧା ସମୁଦାୟ ଭାରତ ଉପରେ ଆଚ୍ଛାଦିତ ହୋଇଯାଏ ଏବଂ ଏହା ଭୀଷଣ ବର୍ଷା କରାଏ । ଯେତେବେଳେ ଏହା ପଶ୍ଚିମକୁ ଉତ୍ତରସ୍ଥ ସମତଳ ଭୂମି ଉପରଦେଇ ଗତିକରେ, ବର୍ଷାର ପରିମାଣ କମିଯାଏ । ଉଦାହରଣ କୋଲକାତାରେ ୧୨୦ ସେ.ମି. ଆହ୍ଲାବାଦରେ ୯୧ ସେ.ମି. ଏବଂ ଦିଲ୍ଲୀରେ ୫୬ ସେ.ମି. ବୃଷ୍ଟିପାତ ହୁଏ । ମୌସୁମୀ ଯେତେବେଳେ ବର୍ଷିବାକୁ ଆଗେଇ ଆସେ ଏବଂ ଶୁଷ୍କତା ମଧ୍ୟରେ ଆର୍ଦ୍ରତା ସୃଷ୍ଟି କରେ । ଯେହେତୁ ମୌସୁମୀ ଉତ୍ତପ୍ତ ଏବଂ ଶୁଷ୍କ ଋତୁପରେ ଆସେ । ବର୍ଷା ତାପମାତ୍ରାକୁ କମାଇ ଦିଏ । ଜୁନ ମଧ୍ୟଭାଗରୁ ଜୁଲାଇ ମଧ୍ୟଭାଗ ମଧ୍ୟରେ ସେଣ୍ଟିଗ୍ରେଡରୁ ସେଣ୍ଟିଗ୍ରେଡକୁ କମିଯିବାର ଦେଖାଯାଏ । ଏହି ସମୟରେ ଭାରତର ଅନେକ ଅଂଶରେ ବନ୍ୟା ସମସ୍ୟା ଦେଖାଯାଏ । ଭୀଷଣ ବୃଷ୍ଟିପାତ ଯୋଗୁଁ ଏପରି ହୁଏ ଆହୁରି ମଧ୍ୟ ଆମର ଜଳ ସମ୍ପଦକୁ ଠିକ୍? ଭାବରେ ପରିଚାଳନାର ଅଭାବ ଥିବାରୁ, ଆହୁରି ମଧ୍ୟ ଏହି ଋତୁରେ ଅନେକ ଅଞ୍ଚଳରେ ମରୁଡି ଅନୁଭୂତ ହୁଏ ।

ପରିବ୍ୟାପ୍ତ, ଉଚ୍ଚ ଓ ଜଟିଳ ଭୂଗଠନ ଯୋଗୁଁ ହିମାଳୟର ବିଭିନ୍ନ ଅଂଶରେ ଭିନ୍ନ ଜଳବାୟୁ ଅନୁଭୂତ ହୋଇଥାଏ । ନିମ୍ନ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଓ ତିବ୍ବତ ପଟେ ଶୁଷ୍କ ଶୀତଳ ମରୁଭୂମି ଦେଖିବାକୁ ମିଳେ । ପଶ୍ଚିମାଂଶକୁ ଛାଡ଼ିଦେଲେ ହିମାଳୟ ପର୍ବତମାଳାର ଦକ୍ଷିଣ ପଟର ଭୂଭାଗ ମୌସୁମୀ ପ୍ରବାହର ବଳୟରେ ଆସେ । ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ଯୋଗୁଁ ଏଠାରେ ଜୁନ୍? ମାସରୁ ନେଇ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଥାଏ । ହିମାଳୟରେ ବର୍ଷ ଯୋଗୁଁ ଗମନାଗମନ ଓ ପରିବହନ ବାଧାପ୍ରାପ୍ତ ହୋଇଥାଏ ଓ ସ୍ଥାନେ ସ୍ଥାନେ ଅତଡ଼ା ଧସିଯାଏ । ତେଣୁ ମୌସୁମୀ ସମୟରେ (ଅପ୍ରେଲ୍-ମଇରୁ ସେପ୍ଟେମ୍ବର-ଅକ୍ଟୋବର ପର୍ଯ୍ୟନ୍ତ) ପର୍ଯ୍ୟଟନ, ପର୍ବତାରୋହଣ, ଟ୍ରେକିଂ ଇତ୍ୟାଦି କାର୍ଯ୍ୟକଳାପ ବାଧାପ୍ରାପ୍ତ ହୁଏ । ନେପାଳ ଓ ସିକ୍କିମର ଲୋକେ ୫ଟି ଋତୁ ଥିବା ବିଶ୍ୱାସ କରନ୍ତି - ଗ୍ରୀଷ୍ମ, ବର୍ଷା, ଶରତ, ଶୀତ ଓ ବସନ୍ତ । କୋପ୍ପେନ୍? ଜଳବାୟୁ ବର୍ଗୀକରଣ ଅନୁସାରେ ହିମାଳୟର ନିମ୍ନ ଓ ମଧ୍ୟ ଦେଶରେ ଆର୍ଦ୍ର ଉପକ୍ରାନ୍ତୀୟ ଜଳବାୟୁ ଓ ଶୀତ ଦିନରେ ଶୁଷ୍କ ଜଳବାୟୁ ଅନୁଭୂତ ହୁଏ । ଉଚ୍ଚ ଦେଶରେ ଉପକ୍ରାନ୍ତୀୟ ଉଚ୍ଚଭୂମି ଜଳବାୟୁ ଅନୁଭୂତ ହୋଇଥାଏ । ପଶ୍ଚିମ ପାର୍ଶ୍ୱର ସିନ୍ଧୁ ଓ କାଶ୍ମୀର ଉପତ୍ୟକାରେ ମୌସୁମୀ ପ୍ରବାହ ଯୋଗୁଁ ଅଧିକ ବୃଷ୍ଟିପାତ ହୋଇନଥାଏ ବରଂ ବସନ୍ତ ସମୟରେ ଅଧିକ ବର୍ଷା ହୋଇଥାଏ । ଉତ୍ତର ପଟର ତିବ୍ବତୀୟ ହିମାଳୟ ଶୁଷ୍କ ଶୀତଳ ମରୁ ଅଞ୍ଚଳ ଓ ଏହାର ପଶ୍ଚିମାଂଶରେ ବାୟୁ ପ୍ରବାହର ମାତ୍ରା ଅଧିକ । ଏଠାରେ ସବୁଜିମାର ଅଭାବ ଦେଖାଯାଏ ଓ ଶୀତ ଦିନେ ଅସହ୍ୟ ଥଣ୍ଡା ହୁଏ । ଶୀତ ଋତୁର ଶେଷ ଓ ବସନ୍ତ ଋତୁରେ ଏଠାରେ ତୁଷାରପାତ ରୂପେ ବର୍ଷା ହୁଏ ।

ଭାରତୀୟ ଉପମହାଦେଶ ଓ ତିବ୍ବତୀୟ ମାଳଭୂମିର ଜଳବାୟୁ ଉପରେ ହିମାଳୟର ଗଭୀର ପ୍ରଭାବ ରହିଛି । ହିମାଳୟ ଯୋଗୁଁ ଦକ୍ଷିଣମୁଖୀ ଶୀତଲହରି ଭାରତୀୟ ଉପମହାଦେଶରେ ପ୍ରବେଶ କରିପାରେ ନାହିଁ, ତେଣୁ ଦକ୍ଷିଣ ଏସିଆର ଜଳବାୟୁକୁ ଉଷ୍ମ ରଖିବାରେ ସହାୟକ ହୁଏ । ପୁଣି ହିମାଳୟ ଯୋଗୁଁ ଉତ୍ତରମୁଖୀ ମୌସୁମୀ ପ୍ରବାହ ଭାରତ ବାହାରକୁ ଯାଇପାରେ ନାହିଁ । ହିମାଳୟ ଯୋଗୁଁ କେନ୍ଦ୍ରୀୟ ଏସିଆରେ ତାକ୍ଲାମାକାନ୍? ଓ ଗୋବି ମରୁଭୂମି ସୃଷ୍ଟି ହୋଇଥିବା ବିଶ୍ୱାସ କରାଯାଏ। ମୌସୁମୀ ବାୟୁ ଚିରନ୍ତନ ବାୟୁ ପ୍ରବାହ ନୁହେଁ । ଏହା ଅନିୟମିତ ଅଟେ । ବିଭିନ୍ନ ବାୟୁମଣ୍ଡଳୀୟ ଅବସ୍ଥା ଏହାକୁ ପ୍ରଭାବିତ କରେ, ତାହା ଆଞ୍ଚଳିକ ଜଳବାୟୁଗତ ଅବସ୍ଥା । ମୌସୁମୀ ସମାନ ଭାବରେ ବାଣ୍ଟିହୁଏ ନାହିଁ । କେରଳ, ପଶ୍ଚିମବଙ୍ଗ, ଓଡିଶାର ଉପକୂଳ ଅଞ୍ଚଳ ଅଧିକ ବର୍ଷା ପାଉଥିବାବେଳେ ମଧ୍ୟବର୍ତ୍ତୀ ଅଞ୍ଚଳ ହରିୟାଣା, ମଧ୍ୟପ୍ରଦେଶ କମ୍? ବର୍ଷା ପାଇଥାଏ । ଯେତେବେଳେ ମୌସୁମୀ ପହଞ୍ଚେ ଏହା ଅଧିକ ବୃଷ୍ଟି କରାଏ ଏବଂ ଏହା ଅନେକ ଦିନ ପର୍ଯ୍ୟନ୍ତ ବୃଷ୍ଟିପାତ କରାଏ । ଏହାକୁ ମୌସୁମୀର ପାଗଳାମୀ କୁହାଯାଏ । ଏହା ପ୍ରଧାନତଃ କେରଳ ଉପକୂଳରେ ହୋଇଥାଏ ଯେଉଁଠାରେ କି ମୌସୁମୀ ପ୍ରଥମେ ପହଞ୍ଚେ ।

ତେବେ ଏହି ମୌସୁମୀ ତାପମାତ୍ରା ଉପରେ ନିର୍ଭର କରେ । ତେବେ ପୃଥିବୀର ଏହି ତାପବୃଦ୍ଧି ଓ ହ୍ରାସ କ'ଣ ? ବିଗତ ଦଶନ୍ଧି ମଧ୍ୟରେ ସହରୀକାରଣ, ଶିଳ୍ପସ୍ଥାପନ ଏବଂ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ବିଷାକ୍ତ ହୋଇଯାଇଅଛି । ମନୁଷ୍ୟର କାର୍ଯ୍ୟକଳାପ ଯୋଗୁଁ ବାୟୁମଣ୍ଡଳର କାର୍ବନଡାଇଅକ୍ସାଇଡ, କ୍ଲୋଡ଼ଓଫ୍ଲୋରୋ ଅନ୍ୟ ହାନିକାରକ ଗ୍ୟାସର ପରିମାଣ ବଢିଯାଇଅଛି । ପ୍ରାୟ ସୂର୍ଯ୍ୟତାପର ୫୧% ଭାଗ ଭୂପୃଷ୍ଠ ଗ୍ରହଣ କରୁଛି ଯାହାକି ଏହାର ତାପକୁ ବୃଦ୍ଧିକରି ଦେଉଅଛି । ତାପର ବାକି ଅଂଶ ପ୍ରତିଫଳିତ ହୋଇ ବାୟୁମଣ୍ଡଳକୁ ଫେରିଆସୁଛି । ଏହା ତାପକୁ ବଢାଇ ଦେବାରେ ସାହାଯ୍ୟ କରୁଛି । ବର୍ତ୍ତମାନ ବାୟୁମଣ୍ଡଳ କଳୁଷିତ ହେବା ଯୋଗୁଁ ପ୍ରତିଫଳିତ ତାପର କେତେ ଅଂଶ ଗ୍ରୀନହାଉସ ଗ୍ୟାସଦ୍ୱାରା ଅଟକିଯାଉଛି, ପ୍ରଧାନତଃ କାର୍ବନଡାଇଅକ୍ସାଇଡ ଭୂପୃଷ୍ଠର ତାପକୁ ବଢାଇଦିଏ । ଆମେ ଭଲଭାବରେ ଜାଣିଛୁ ଯେ ୭୦% ଭାରତୀୟ କୃଷିର ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି । ତାପମାତ୍ରାରେ ଯେକୌଣସି ପରିବର୍ତ୍ତନ କୃଷିକ୍ଷେତ୍ରରେ ବିପରୀତ ପ୍ରଭାବ ପକାଇବ । ଏହା ଭାରତର ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ । ଏହି ଅଧ୍ୟାୟରେ ଅଧ୍ୟୟନ ପରେ ଆମ୍ଭେମାନେ ପରିଷ୍କାର ଭାବରେ ଦେଖିବା ଯେ, ମାନବର ଜୀବନଯାପନ ପ୍ରଣାଳୀରେ ଜଳବାୟୁର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଅଛି । ଆମ ଖାଦ୍ୟ, ଆମ ପର୍ବପର୍ବାଣୀ ଆମ ଅର୍ଥନୀତି ଆଉ ସବୁକିଛି ଋତୁଚକ୍ର ସହିତ ଜଡିତ ଅଛି । ଯଦି ଋତୁଗୁଡିକ ଅନୁକୂଳ ହୁଏ ମନୁଷ୍ୟର ଜୀବନ ସୁଖମୟ ଏବଂ ଆରାମଦାୟକ ହେବ । ତେଣୁ ସଠିକ ମୌସୁମୀ ପ୍ରଭାବ କୃଷି, ସ୍ୱାସ୍ଥ୍ୟ, ପରିବହନ କ୍ଷେତ୍ରରେ ପ୍ରଭାବା ପକାଇଥାଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ସମସ୍ତେ କାର୍ବନ ଡାଇଅକ୍ସାଇଡ ଓ ଅନ୍ୟ କ୍ଷତିକାରକ ଗ୍ୟାସକୁ କମାଇବା ପାଇଁ ଜୀବନଧାରଣ ପଦ୍ଧତିରେ କିଛି ପରିବର୍ତ୍ତନ ଆଣିବା ଉଚିତ୍, ଏହା ହୋଇପାରିଲେ ମୌସୁମୀ ନିୟମିତ ହେବା ସହିତ ଆମ ଜୀବନ ପ୍ରଣାଳୀ ସୁଖମୟ ହେବ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ ବରୀ ଯାଜପୁର**

# ଥିଲି ଝିଅ ହେଲି ଯେବେ ବୋହୂ

କଲେଜ ପଢ଼ିବା ବେଳର କଥା । କାର୍ତ୍ତିକ ମାସରେ ଖୁବ ଭିଡ ହୁଏ ପୁରୀ ସହରରେ । ବିଶେଷ କରି ହବିଷ କରୁଥିବା ବୁଢିମାଉସୀମାନଙ୍କର ସମାବେଶ ଏତେ ପ୍ରବଳ ହୁଏ ଯେ,ରାସ୍ତା ପାର ହୋଇ କଲେଜ ଯିବା ବଡ କଷ୍ଟ ହୁଏ । ମାର୍କଣ୍ଡେଶ୍ୱର ସାହିରୁ ଲକ୍ଷ୍ମୀ ବଜାର ଦେଇ ବଡ଼ଦାଣ୍ଡରେ ପହଞ୍ଚିବାକୁ ଘଣ୍ଟାଏ ଲାଗିଯାଏ । ସେହି ସମୟର ସ୍ମୃତିଟିଏ ଆଜି ବି ଜୀବନ୍ତ ଲାଗେ । ସାହି ସାହିରେ ଭଡ଼ା ନେଇ ରହୁଥିବା କାର୍ତ୍ତିକିଆଳି ବୁଢ଼ୀମାଉସୀମାନେ କାନି ଧରାଧରି ହୋଇ ଚାଲିବାର ଦୃଶ୍ୟ ଯେତିକି ଚମତ୍କାର, ତାଙ୍କୁ କିଛି ଅସମାଜିକ ଯୁବକ ଚାରେଣୀ ଆଠେଣୀ ସବୁକୁ ରାସ୍ତାରେ ଅଠା ଦେଇ ଲଗାଇ ରଖି ,ବୁଢୀମାଉସୀ ମାନେ ଗୋଟାଇନେଲା ବେଳେ ତାଙ୍କୁ ଚିଡ଼େଇବା ଓ ନେଲାରେ ନେଲାରେ କହି ଛିଗୁଲେଇବା ସେତିକି କଷ୍ଟଦାୟକ ଲାଗେ ।

ଆମେ ସାଙ୍ଗମାନେ ସବୁ ଉପାୟ ପାଞ୍ଚିଲୁ । ବୁଢୀମାଉସୀମାନଙ୍କ ସୁରକ୍ଷା ପାଇଁ କିଛି ତୁଳସୀ ଗଛ ସବୁକୁ ସେହି ରାସ୍ତାରେ ଅଠାରେ ଲାଗିଥିବା ପଇସା ଜାଗା ମାନଙ୍କରେ ପକାଇଲୁ ତ କେହି ବୁଢୀମାଉସୀ ପଇସା ଉଠାଇବାକୁ ଯାଇ ନଉଠାଇପାରି ତୁଳସୀ ଗଛ ନେଇ ଚାଲିଯାଆନ୍ତି ଖୁସିରେ । ଅସାମାଜିକ ଯୁବକଙ୍କ କ୍ରୁର ଦୃଷ୍ଟି ଆମ ଉପରେ ପଡେ ତ ସେମାନେ ଷଣ୍ଢ ମାନଙ୍କୁ ଘଉଡେଇ, ଆମ ଝିଅସାଙ୍ଗମାନଙ୍କୁ କିଲବିଲ କରି ହଇରାଣ କରନ୍ତି । ଆମେ ,ଝାଉ ସେହି କେତେକ ଝିଅ ସାଙ୍ଗମାନଙ୍କୁ ଷ୍ଟ୍ରଙ୍ଗ ଗାର୍ଲ୍? ହେବାକୁ ପ୍ରବର୍ତ୍ତାଇ, ନଡରି ଆଗେଇବାକୁ କହିଲେ ବି ବେଳେ ବେଳେ ରାଗ ହୁଏ, ଲକ୍ଷ୍ମୀ ବଜାର ଉପରେ ଆଉ ମନ୍ଦିରକୁ ଲାଗି ଗଡି ଉଠିଥିବା ପରିବା ଦୋକାନ ଓ ଅନ୍ୟାନ୍ୟ ଦୋକାନ ସବୁ ଗଡି ଉଠିଥିବାରୁ ଯେତିକି କ୍ଷୁବ୍ଧ ହେଉ, ଗୋରୁ ଗାଈ ମାନଙ୍କୁ ଗୁହାଳରେ ନରଖି ଛାଡ଼ିଦେଉଥିବାରୁ ମଧ୍ୟ ଲୋକମାନଙ୍କ ପ୍ରତି ଦୃଷ୍ଟିକୋଣ ଭଲ ନଥାଏ ଆମର ।

ସେହିସବୁ ସ୍ମୃତି ମନ ହୃଦୟରେ ଜୀବନ୍ତ ଥିବାବେଳେ ବଡ ହେଲା ପରେ ଲକ୍ଷ୍ମୀ ବଜାର ଉଠିଯିବା, ମନ୍ଦିର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କ ପଦକ୍ଷେପ ରେ ବିଭୋର ହୋଇ ସେଇ ପୁରୁଣା ରାସ୍ତାର ନବକଳେବର ରୂପ ଦେଖି ପରବର୍ତ୍ତୀ ଜୀବନରେ ବିମୋହିତ ହୋଇ ସେସବୁ ପୁରୁଣା ସ୍ମୃତି ମନେପକାଇ ହସୁଥିଲା ବେଳେ, ଟିଭି ସମ୍ବାଦ ଉପରେ ଓ ସୁପ୍ରିମକୋର୍ଟଙ୍କ ସନ୍ଦର୍ଭ ଜାଣିବାକୁ ପାଇ ପୁରୀ ବଡମନ୍ଦିର ପ୍ରତି ବିପଦ ଅଛି ଭାବିଲା ବେଳକୁ ହୃଦୟ ଭାଙ୍ଗି ପଡୁଥିଲା ଯେତିକି, ଜଗନ୍ନାଥ ଅଛନ୍ତି ନିଜ ରକ୍ଷା ସହ ଶହ ଶହ ଲୋକଙ୍କୁ ରକ୍ଷା କରିବେ ଭାବନାରେ କଲେଜ ବେଳର ସ୍ମୃତି ତାଜା ଓ ମଧୁର ଲାଗୁଥିଲା ସେତିକି ।

ହିନ୍ଦୁ ଧର୍ମରେ ଅନେକ ପର୍ବପର୍ବାଣି ପାଳନ କରାଯାଏ । କଥାରେ ଅଛି ବାର ମାସରେ ତେର ପର୍ବ । ଅଁଳା ନବମୀ ପରେ କାର୍ତ୍ତିକ ପୂର୍ଣ୍ଣମୀ ପାଳନ କରାଯିବ ହିନ୍ଦୁ ଧର୍ମରେ ଅଁଳା ନବମୀର ଅନେକ ମହତ୍ତ୍ୱ ରହିଛି । କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପାଳନ କରାଯାଏ । ଏହି ଦିନ ଅଁଳା ଗଛକୁ ପୂଜା କରାଯାଏ । ଅଁଳା ନବମୀ ସହ ଜଡିତ କିଛି ଖାସ କଥା ସମ୍ପର୍କରେ ଜାଣିବାକୁ ପାଇଲି ଯେବେ ପୁରୀ ଝିଅ ହୋଇ ସାକ୍ଷୀଗୋପାଳ ବୋହୂ ହେଲି । ଅଁଳା ନବମୀ ଦିନ ସର୍ବ ପ୍ରଥମେ ମା' ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ । ଏହା ପଛରେ ଏକ କାରଣ ରହିଛି । ଏକ କଥା ଅନୁସାରେ, ଥରେ ମା' ଲକ୍ଷ୍ମୀ ପୃଥିବୀଲୋକକୁ ଭ୍ରମଣ କରିବାକୁ ଆସିଥିଲେ । ପୃଥିବୀକୁ ଆସିବା ପରେ ଭଗବାନ ବିଷ୍ଣୁ ଓ ଭଗବାନ ଶିବଙ୍କ ପୂଜା ଏକାସଙ୍ଗେ କରିବାକୁ ତାଙ୍କୁ ଇଚ୍ଛା ହେଲା । ସେତେବେଳେ ସେ ମନେପକାଇଲେ ଯେ ତୁଳସୀ ନାରାୟଣଙ୍କ ପ୍ରିୟ କିନ୍ତୁ ଶିବଙ୍କର ନୁହେଁ । ଶିବଙ୍କ ପୂଜାରେ ତୁଳସୀ ଲାଗେନି,କିନ୍ତୁ ଶିବଙ୍କ ସ୍ୱରୂପ ବେଲର ଗୁଣ ଅଁଳା ବୃକ୍ଷରେ ରହିଛି । ସେଥିପାଇଁ ଅଁଳା ଗଛରେ ଉଭୟ ତୁଳସୀ ଓ ବେଲର ଅଂଶ ରହିଥିବାରୁ ସେତେବେଳେ ମା' ଲକ୍ଷ୍ମୀ ଅଁଳାକୁ ହିଁ ଶିବ ଓ ବିଷ୍ଣୁଙ୍କ ସ୍ୱରୂପ ଭାବି ପୂଜା କଲେ । ମା'ଙ୍କ ପୂଜା ପରେ ଭଗବାନ ଶିବ ଓ ଭଗବାନ ବିଷ୍ଣୁ ପ୍ରକଟ ହେଲେ । ଏହାପରେ ମା'ଲକ୍ଷ୍ମୀ ଅଁଳା ଗଛ ମୂଳରେ ଭୋଜନ ପ୍ରସ୍ତୁତ କଲେ ଓ ଶିବ ଓ ବିଷ୍ଣୁଙ୍କୁ ଭୋଜନ କରାଇଲେ । ସେହିଦିନ ଠାରୁ କାର୍ତ୍ତିକ ମାସ ଶୁକ୍ଳ ପକ୍ଷରେ ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ ଏବଂ ଅଁଳା ଗଛ ମୂଳରେ ରୋଷେଇ ମଧ୍ୟ ହୋଇଥାଏ । ସେହିଦିନ ଠାରୁ ଏହି ପ୍ରଥା ଚାଲିଆସିଛି ।

ଅଁଳା ନବମୀ ପୂଜା ବିଧି ଅନୁସାରେ, ଅଁଳା ନବମୀ ଦିନ ସର୍ବ ପ୍ରଥମେ ଭୋରରୁ ଉଠି ସ୍ନାନ ଆଦି କରାଯାଏ, କୌଣସି ପବିତ୍ର ନଦୀରେ ଗାଧୋଇଲେ ଶୁଭ ବୋଲି କୁହାଯାଏ । ଏହାପରେ ଅଁଳା ଗଛ ମୂଳରେ କ୍ଷୀର, ଅକ୍ଷତ, ଧୂପ-ପୁଷ୍ପ ଆଦି ଅର୍ପଣ କରାଯାଏ । ଏହାପରେ ବିଧି ପୂର୍ବକ ଅଁଳା ଗଛକୁ ପୂଜା କରାଯାଏ । ପୂଜା ପରେ ଗଛ ଚାରିପଟେ ସାତ ଥର ପରିକ୍ରମା କରିବା ଉଚିତ ।

ପରିକ୍ରମା ପରେ ଦୀପ ଜାଳି ଅଁଳା ନବମୀକଥା ଶୁଣିବା ଉଚିତ । ଅଁଳାଫଳ ଖାଇଲେ ମଧ୍ୟ ମିଳିଥାଏ ଭଗବାନଙ୍କ ଆଶୀର୍ବାଦ ।

ପୁରାଣ କଥା ଅନୁସାରେ ଅଁଳା ଫଳ ଖାଇଲେ ମଧ୍ୟ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତ ହୋଇଥାଏ । ଅଁଳାର ଅନେକ ଗୁଣ ରହିଛି । ଏହାର ଅନେକ ସ୍ୱାସ୍ଥ୍ୟଗତ ଲାଭ ରହିଛି । ଅଁଳା ରସ ସେବନ ସ୍ୱାସ୍ଥ୍ୟ ପାଇଁ ହିତକର । ଅଁଳା ରସ ସେବନ କଲେ ଧର୍ମ ସ୍ଥାପନା ହୋଇଥାଏ ବୋଲି ପୁରାଣରେ କୁହାଯାଇଛି । ଅଁଳା ଜଳରେ ସ୍ନାନ କଲେ ଗରିବୀ ଦୂର ହୋଇଥାଏ ଏବଂ ସୁଖ ପ୍ରାପ୍ତ ହୋଇଥାଏ । ହିନ୍ଦୁ ଧର୍ମ ଶାସ୍ତ୍ରରେ ଆଉ ଏକ ବିଶ୍ୱାସ ରହିଛି ଯେ ଯେଉଁଠାରେ ଅଁଳା ଗଛ ଥାଏ ସେଠାରେ ଭଗବାନ ବିଷ୍ଣୁ ବାସ କରନ୍ତି । ଅଁଳା ନବମୀର ଏକ ଗୁରୁତ୍ୱପୂର୍ଣ କଥା ହେଲା, ଅଁଳା ନବମୀ ଦିନ ଅଁଳା ଗଛକୁ ପୂଜା କରାଯାଇଥାଏ । ସେଥିପାଇଁ ଏହି ଦିନ ଅଁଳା ସେବନ କରିବା ଉଚିତ ନୁହେଁ । ଉତ୍ତର ଭାରତୀୟ ରୀତିନୀତିରେ ସାକ୍ଷୀଗୋପାଳ ମନ୍ଦିରରେ ପୂଜା ବିଧି ରହିଛି । ଏଠାରେ ଠାକୁରାଣୀ ଉତ୍ତର ଭାରତୀୟ ବେଶଭୂଷା ପରିଧାନ କରିଥାନ୍ତି । ତେଣୁ ବର୍ଷସାରା ଠାକୁରାଣୀଙ୍କ ପାଦ ଆବୃତ୍ତ ହୋଇ ରହିଥାଏ । ଅଁଳା ନବମୀରେ ଠାକୁରାଣୀ ଓଡ଼ିଆଣୀ ବେଶ ହୁଅନ୍ତି। ଏହି ଅବସରରେ ପାଦ ଦର୍ଶନ ଲାଗି ଭକ୍ତଙ୍କୁ ସୁଯୋଗ ମିଳିଥାଏ ।

ରାଜା ଉନମା ଯମୁନାନଦୀକୂଳରୁ ଆଣିଥିବା ଶ୍ରୀକୃଷ୍ଣଙ୍କ ମଣିବିଗ୍ରହ ସାକ୍ଷାତ ମୂର୍ତ୍ତି ଭାବେ ବୃନ୍ଦାବନରେ ଅଧିଷ୍ଠିତ ହୋଇଥିଲେ । ପରବର୍ତ୍ତୀ ସମୟରେ ଏହି ମଣିବିଗ୍ରହ ବୃନ୍ଦାବନରୁ କାଞ୍ଚିର ଜଣେ ଶ୍ରୀବତ୍ସ ବ୍ରାହ୍ମଣ ପାଇଁ ସାକ୍ଷୀ ଦେବା ପାଇଁ ଆସି କାଞ୍ଚିରେ ରହି ଆଉ ବୃନ୍ଦାବନ ଫେରିଲେ ନାହିଁ ଓ ସାକ୍ଷୀଗୋପାଳ ନାମରେ ପୂଜା ପାଇଲେ । ପରେ ଓଡ଼ିଶାର ରାଜା ପୁରୁଷୋତ୍ତମଦେବ କାଞ୍ଚି ବିଜୟ କରି ପ୍ରଭୁ ଶ୍ରୀସାକ୍ଷୀଗୋପାଳଙ୍କୁ ସଙ୍ଗରେ ପୁରୀକୁ ନେଇଆସିଲେ । ପୁରୀରୁ କଟକସ୍ଥ ବାରବାଟୀ ଦୁର୍ଗ, ବାରବାଟି ଦୁର୍ଗରୁ ଖୋର୍ଦ୍ଧାସ୍ଥ ରଥିପୁର ଓ ପରେ କନ୍ତଲବାଇକୁ ପ୍ରଭୁଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ଶେଷରେ ପ୍ରଭୁଙ୍କ ମଣିବିଗ୍ରହ ପୁରୀ ଶ୍ରୀମନ୍ଦିରର ଭୋଗମଣ୍ଡପ ନିକଟରେ ସ୍ଥାପିତ ହେଲା । ସାକ୍ଷୀଗୋପାଳ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଷ୍ଠିତ ହେବାର ଅଳ୍ପଦିନ ପରେ ରାଜାରାମଚନ୍ଦ୍ରଦେବଙ୍କୁ,ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଷ ହେଲା । ସାକ୍ଷୀଗୋପାଳ ଭୋଗବୁହା ବାଟ ପାଖରେ ବସି ଆମର ପିଠା ଆଦି ସମସ୍ତ ମିଷ୍ଟାନ୍ନ ପଦାର୍ଥଗୁଡ଼ିକୁ ଆଗରୁ ଉଚ୍ଛିଷ୍ଟ କରି ଦେଉଛନ୍ତି , ଆମେ ଉପବାସ ରହୁଛି । ରାଜାଙ୍କ ନିଦ ତତକ୍ଷଣାତ ଭାଙ୍ଗିଗଲା, ରାଜା ଭାରି ବ୍ୟସ୍ତ ହୋଇପଡ଼ିଲେ । ରାଜା ଏହିପରି ଅଶ୍ୱସ୍ତିକର ଅବସ୍ଥାରେ ଥିବା ସମୟରେ ବାବା ବ୍ରହ୍ମଚାରୀ ନାମକ ଜଣେ ସନ୍ନ୍ୟାସୀ ରାଜାଙ୍କ ପାଖକୁ ଯାଇ କହିଲେ ହେ ରାଜନ ପୁରୀଠାରୁ ପନ୍ଦର ମାଇଲ ଦୂର ବ୍ରାହ୍ମଣ ଶାସନର କେନ୍ଦ୍ରସ୍ଥଳ ପୁଣ୍ୟତୋୟା ରତ୍ନଚିରା ନଦୀ ତୀରବର୍ତ୍ତୀ ଛୁରିଅନା, ବକୁଳ, ତମାଳ, କେତକୀ ଓ ନାରିକେଳ ବୃକ୍ଷ ପରିପୂର୍ଣ୍ଣ ପ୍ରାକୃତିକ ବନରେ ଶ୍ରୀ ସାକ୍ଷୀଗୋପାଳଙ୍କୁ ସ୍ଥାପନ କର । ଏହି ଧାମ ଠିକ ବୃନ୍ଦାବନ ଧାମ ପରି । ରାଜା ଶ୍ରୀରାମଚନ୍ଦ୍ର ଦେବ ବାବା ବ୍ରହ୍ମଚାରୀଙ୍କ ପରାମର୍ଶକ୍ରମେ ସାକ୍ଷୀଗୋପାଳଙ୍କ ଇଚ୍ଛା ଭାବି ଏହି ପ୍ରାକୃତିକ ବନରେ ପ୍ରଥମେ ସିଦ୍ଧବଳରାମଙ୍କ ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରାଇ ଶ୍ରୀସାକ୍ଷୀଗୋପାଳଙ୍କୁ ସ୍ଥାପନ କରାଇଲେ । ପରବର୍ତ୍ତୀ କାଳରେ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଯାଇଅଛି । ଶ୍ରୀକୃଷ୍ଣ ସାକ୍ଷୀଗୋପାଳ ରୂପେ ରହିଲେ ସାକ୍ଷୀଗୋପାଳରେ, ଶ୍ରୀରାଧା ରହିଲେ ବୃନ୍ଦାବନରେ । ପରସ୍ପର ସହିତ ମିଳନ ନ ହେବାରୁ ଉଭୟେ ଭାରି ଅଶ୍ୱସ୍ତି ଅନୁଭବ କଲେ । ସମୟକ୍ରମେ ପ୍ରିୟା ଶ୍ରୀରାଧା ସେବକସାହିସ୍ଥିତ ଶ୍ରୀସାକ୍ଷୀଗୋପାଳଙ୍କ ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରଙ୍କ ଘରେ ମାନବୀ ପ୍ରିୟା ଲକ୍ଷ୍ମୀ ରୂପରେ ଜନ୍ମଲାଭ କଲେ । ପ୍ରଭୁ ସାକ୍ଷୀଗୋପାଳ ନିତ୍ୟ ରାତ୍ରର ତୃତୀୟ ପ୍ରହରରେ ମନ୍ଦିର ଛାଡ଼ି ଆସି ଲକ୍ଷ୍ମୀ ସହ ଲକ୍ଷ୍ମୀଙ୍କ ବାସଭବନରେ ମିଳିତ ହୁଅନ୍ତି । ଗୁପ୍ତ ବୃନ୍ଦାବନ ରୂପେ ପରିଚିତ ବକୁଳବନରେ ଲକ୍ଷ୍ମୀସହ କେଳି କରନ୍ତି । ଅଧିକାଂଶ ସମୟରେ ପ୍ରଭୁଙ୍କ ବଂଶୀ, ରାତ୍ରପିନ୍ଧା ବସନ, ଚୂଳ ଆଦି ଲକ୍ଷ୍ମୀଙ୍କ ଶୟନ ଶେଜରୁ ମିଳିବାରୁ ରାଜା ବଡ଼ପଣ୍ଡାଙ୍କୁ ଚୋର କହି ନାନା ନିର୍ଯ୍ୟାତନା ଦେଲେ । ବଡ଼ପଣ୍ଡା ବେଲେଶ୍ୱର ମହାପାତ୍ରେ ନିରୁପାୟ ହୋଇ ସାକ୍ଷୀଗୋପାଳଙ୍କର ଶରଣ ପଶିଲେ । ଭକ୍ତବତ୍ସଳ ଭଗବାନ ପ୍ରଭୁ ସାକ୍ଷୀଗୋପାଳ ରାଜାଙ୍କୁ ସ୍ୱପ୍ନରେ କହିଲେ ହେ ରାଜନ ! ବଡ଼ପଣ୍ଡା ନିର୍ଦ୍ଦୋଷ, ମୋର ପ୍ରିୟା ରାଧା ତାଙ୍କ ଘରେ ଲକ୍ଷ୍ମୀ ରୂପରେ ଜନ୍ମଲାଭ କରିଛି । ତୁମେ ଯଥାଶୀଘ୍ର ଲକ୍ଷ୍ମୀଙ୍କ ପରି ଏକ ସୁବର୍ଣ୍ଣ ପ୍ରତିମା ନିର୍ମାଣ କରାଇ ମୋ ପାଖରେ ପ୍ରତିଷ୍ଠା କର । ପ୍ରଭୁଙ୍କ ସ୍ୱପ୍ନାଦେଶ ଅନୁସାରେ ରାଜା ଗଡ଼ଜାତ ରଣପୁର ଅଞ୍ଚଳରୁ କେତେକ କୁଶଳୀ କାରିଗର ଅଣାଇ ଲକ୍ଷ୍ମୀଙ୍କ ପରି ଗୋଟିଏ ସୁବର୍ଣ୍ଣ ମୂର୍ତ୍ତି ନିର୍ମାଣ କରାଇଲେ । ମୂର୍ତ୍ତିଟି ନିର୍ମାଣ ଆରମ୍ଭ ଦିନରୁ ଲକ୍ଷ୍ମୀ ରୋଗରେ ଶଯ୍ୟାଶାୟୀ ହେଲେ । ମୂର୍ତ୍ତୀର ଜୀବନ୍ୟାସ ଦିଆହେବା ସମୟରେ ଲକ୍ଷ୍ମୀ ଇହଲୀଳା ସମ୍ବରଣ କରିଥିଲେ । ପ୍ରଭୁ ସାକ୍ଷୀଗୋପାଳଙ୍କ ଇଚ୍ଛାନୁଯାୟୀ ତାଙ୍କର ପ୍ରିୟା ଲକ୍ଷ୍ମୀଙ୍କ ମର ଶରୀରକୁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ସଂସ୍କାର କରାଯାଇଥିଲା । କିମ୍ବଦନ୍ତୀକୁ ସ୍ମରଣ ରଖିବା ପାଇଁ ପରବର୍ତ୍ତୀ ସମୟରେ ଲକ୍ଷ୍ମୀଙ୍କ ସମାଧି ସ୍ଥଳରେ ଏକ ମହାବୀର ମନ୍ଦିର ପ୍ରତିଷ୍ଠା କରାଗଲା । ଲକ୍ଷ୍ମୀଙ୍କୁ ରାଧିକା ରୂପେ ପାଇ ଶ୍ରୀସାକ୍ଷୀଗୋପାଳଙ୍କ ଦୀର୍ଘ ଦିନର ମନସ୍କାମନା ପୂର୍ଣ୍ଣ ହେଲା । ଠାକୁର ପଶ୍ଚିମାଞ୍ଚଳବାସୀ ହୋଇଥିବାରୁ ଅନ୍ନପ୍ରସାଦ ପରିବର୍ତ୍ତେ ଗହମ ଜାତ ସାମଗ୍ରୀ ଭୋଗ କରାଗଲା । ପଶ୍ଚିମାଞ୍ଚଳ ମହିଳାଙ୍କ ପରି ଦେବୀ ଶ୍ରୀରାଧାଙ୍କ ପିନ୍ଧା ଶାଢ଼ୀଦ୍ୱାରା ତାଙ୍କର ପାଦପଦ୍ମ ବର୍ଷସାରା ଘୋଡ଼ାଇ ହୋଇ ରହିଲା । ଏହି ଭଳି କିଛି ଦିନ ଯିବା ପରେ କେତେକ ସେବକ ବିଚାରକଲେ ଠାକୁରାଣୀ ଶ୍ରୀରାଧା ମାନବୀ ପ୍ରିୟା ଲକ୍ଷ୍ମୀ ରୂପେ ଆମ ଓଡ଼ିଶାରେ ଆସି ସତ୍ୟବାଦୀରେ ରହିଲେ କିନ୍ତୁ ଦିନେ ହେଲେତ ଓଡ଼ିଆଣୀ ବେଶ ହେଲେ ନାହିଁ । ପରିଶେଷରେ ସ୍ଥିର ହେଲା ରାଧା ରୂପେ ପୂଜା ପାଉଥିବା ମାନବୀ ପ୍ରିୟା ଲକ୍ଷ୍ମୀଙ୍କ ଜନ୍ମଦିନ କାର୍ତ୍ତିକମାସ ଶୁକ୍ଳପକ୍ଷ ନବମୀ ତିଥିରେ ଓଡ଼ିଆଣୀ ବେଶ ଅନୁଷ୍ଠିତ ହେବ । ବେଶ ସମୟରେ ଠାକୁରାଣୀ କାଣିଆ କଛା ମାରନ୍ତି, ଫଳରେ ବର୍ଷସାରା ଶାଢ଼ୀରେ ଆବୃତ ହୋଇ ରହିଥିବା ଠାକୁରାଣୀଙ୍କ ପାଦପଦ୍ମ ଦ୍ୱୟକୁ ଭକ୍ତମାନେ ଏହି ଦିନ ଦର୍ଶନ କରିଥାନ୍ତି । ଗୋପାଳଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ମସ୍ତକରେ ସ୍ୱର୍ଣ୍ଣ କିରୀଟ, ହାତରେ ସୁବର୍ଣ୍ଣ ବଂଶୀ ସାଙ୍ଗକୁ ନଟବର ବେଶରେ ଏବଂ ରାଧାଙ୍କୁ ଖଣ୍ଡୁଆ ପାଟବସ୍ତ୍ର ସହ କିରୀଟ, ପାଉଁଜି, ଝୁଣ୍ଟିଆ, କୁଣ୍ଡଳ, ଚାପସରି ସେବତୀ ହାର, ନୋଥ, ଗୁଣା ଏବଂ ଅଁଳା ହାର ଲାଗି କରାଯାଏ । ଏବେ ପୁରୀରେ ରହୁଥିବା କାର୍ତ୍ତିକବ୍ରତ ପୂଜା କରୁଥିବା କାର୍ତ୍ତିକିଆଳିମାନେ ଖୁବ ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦରେ ପୁରୀରେ ରହି ଅଁଳା ନବମୀ ଦିନ ସାକ୍ଷୀଗୋପାଳ ଆସି ଅଁଳା ଗଛ ପୂଜା କରି ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନ କରିବା ଦେଖି ମତେ କୃତ୍ୟ କୃତ୍ୟ ଲାଗେ ଯା ହେଉ ସମୟ ବଡ଼ ବଳବାନ ବୋଲି ମନେହୁଏ । ଅଁଳା ଗଛସବୁକୁ ବାଣ୍ଟିବା ଓ ଲଗେଇବାକୁ ଦାଇତ୍ୱ ନେଇ ବୁଝେଇ ଚାଲିଥିଲି କାର୍ତ୍ତିକିଆଳୀମାଉସୀମାନଙ୍କୁ ।

**ସୁନନ୍ଦା ମହାନ୍ତି
ସାକ୍ଷିଗୋପାଳ, ପୁରୀ**

# ଓଡ଼ିଆ ଜାତିର ସ୍ୱାଭିମାନ ଓ ବ୍ୟାସକବି

ଆଜିର ଆଧୁନିକ, ପ୍ରଗତିଶୀଳ ଓ ସାର୍ବଭୌମ ଓଡ଼ିଶାର ଭିତ୍ତିଭୂମି ଯେଉଁ ମନୀଷୀମାନଙ୍କ ତ୍ୟାଗ, ଅକ୍ଳାନ୍ତ ସାଧନା ଓ ରକ୍ତରଞ୍ଜିତ ସଂଗ୍ରାମର ସ୍ଥାପତ୍ୟ ଉପରେ ଦଣ୍ଡାୟମାନ, ସେମାନଙ୍କ ମଧ୍ୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ଥାନ ସର୍ବୋଚ୍ଚ ଓ ଅଗ୍ରଗଣ୍ୟ। ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା, ଓଡ଼ିଆ ଭାଷାର ସୁରକ୍ଷା ଏବଂ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସେ ଥିଲେ ଜଣେ ପ୍ରମୁଖ ସୂତ୍ରଧର ତଥା ଯୁଗପୁରୁଷ। ମାତ୍ର ସାମ୍ପ୍ରତିକ ସମୟର ବିଡ଼ମ୍ବନାକୁ ଦେଖିଲେ ମନରେ ଗଭୀର କ୍ଷୋଭ ଜାତ ହୁଏ। ଆଜି ସ୍ୱାର୍ଥପର ରାଜନୀତି, କ୍ଷମତାର ଅହଙ୍କାର ଓ ନିଜସ୍ୱ ସଫଳତାର ଅନ୍ଧଗଳିରେ ହଜିଯାଉଥିବା କିଛି ବ୍ୟକ୍ତି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଏହି ମହାନାୟକଙ୍କ ପ୍ରତି ଅପମାନ କରିବାକୁ ପଛାଉ ନାହାନ୍ତି। ଯେଉଁମାନେ ପିଲାଦିନେ ବିଦ୍ୟାଳୟ ପାଠ୍ୟପୁସ୍ତକର ପ୍ରତିଟି ପୃଷ୍ଠାରୁ ଫକୀରମୋହନଙ୍କ ମହାନତା, ତାଙ୍କ ସଂଗ୍ରାମର କାହାଣୀ ଓ ସାହିତ୍ୟିକ କୃତି ବିଷୟରେ ପଢ଼ି ଜ୍ଞାନ ଆହରଣ କରିଥିଲେ, ସେମାନେ ଆଜି କ୍ଷମତା କିମ୍ବା ବ୍ୟକ୍ତିଗତ ଲାଭ ପାଇଁ ତାଙ୍କର ଅବଦାନକୁ ବିସ୍ମୃତ ହେବା କିମ୍ବା ତାଙ୍କ ନୀତିକୁ ସମାଲୋଚନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଲଜ୍ଜାଜନକ ଏବଂ ଏକ ଅକ୍ଷମଣୀୟ ଅପରାଧ। ଇତିହାସକୁ ବିକୃତ କରି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାର ଏହି ଦୁର୍ଗନ୍ଧମୟ ପ୍ରବୃତ୍ତି ଆମ ଜାତୀୟ ଚରିତ୍ର ପ୍ରତି ଏକ ବଡ଼ କୁଠାରଘାତ। ଆଜି ସମୟ ଆସିଛି ଆମକୁ ପଛକୁ ଫେରି ଚାହିଁବାକୁ ପଡ଼ିବ, ନିଜର ଅତୀତକୁ ଖୋଜିବାକୁ ହେବ ଏବଂ ଏକ ସଚେତନ ଆତ୍ମସମୀକ୍ଷା କରିବାକୁ ହେବ ଯେ, କେଉଁମାନଙ୍କ ତ୍ୟାଗ ଓ ନିଷ୍ଠା ପାଇଁ ଆମ ଜାତି ଆଜି ଏତେ ଦୂର ଆସିପାରିଛି ଏବଂ ଇତିହାସର ସେହି ସଂକଟକାଳରେ ସେମାନଙ୍କ ଐତିହାସିକ ଭୂମିକା କ'ଣ ଥିଲା।

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସେତେବେଳେ ଓଡ଼ିଆ ଭାଷା ଓ ଜାତି ଏକ ଚରମ ଅସ୍ତିତ୍ୱର ସଙ୍କଟ ଦେଇ ଗତି କରୁଥିଲା। ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ଭାବେ ବିଲୋପ କରିବା ପାଇଁ ପଡ଼ୋଶୀ ଭାଷାଭାଷୀ ଏବଂ କିଛି କୁଟିଳ ପ୍ରଶାସକଙ୍କ ପକ୍ଷରୁ ଚକ୍ରାନ୍ତର ଜାଲ ବିଛାଯାଇଥିଲା। ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ପ୍ରମାଣ କରିବାକୁ ଅପଚେଷ୍ଟା ଚାଲିଥିଲା। ସେହି ଅନ୍ଧକାରମୟ ଓ ନୈରାଶ୍ୟଜନକ ସମୟରେ ଫକୀରମୋହନ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଏକ ଅଜେୟ ଦୁର୍ଗ ସଦୃଶ ଦଣ୍ଡାୟମାନ ହୋଇଥିଲେ। ବାଲେଶ୍ୱରର ମାଟିରେ ଉତ୍କଳ ପ୍ରେସ ଭଳି ଏକ ସାରସ୍ୱତ କାରଖାନା ସ୍ଥାପନ କରି, ସେଠାରୁ ବିଭିନ୍ନ ପତ୍ରପତ୍ରିକା ପ୍ରକାଶନ ମାଧ୍ୟମରେ ସେ ସୁପ୍ତ ଓଡ଼ିଆ ଜାତି ମଧ୍ୟରେ ଜାଗରଣର ନୂତନ ସୂର୍ଯ୍ୟୋଦୟ ଆଣିଥିଲେ। କେବଳ ଭାଷା ସୁରକ୍ଷା ଆନ୍ଦୋଳନ ନୁହେଁ, ଓଡ଼ିଆ ଭାଷାକୁ ଏକ ଅତି ସମୃଦ୍ଧ, ବାସ୍ତବବାଦୀ ଓ ଆଧୁନିକ ସାହିତ୍ୟିକ ରୂପ ଦେବା ପାଇଁ ସେ କଥାସାହିତ୍ୟକୁ ନିଜର ପ୍ରମୁଖ ଆୟୁଧ କରିଥିଲେ। ତାଙ୍କ ଲେଖନୀରୁ ନିଃସୃତ ହୋଇଥିଲା ଛମାଣ ଆଠଗୁଣ୍ଠ, ମାମୁ, ପ୍ରାୟଶ୍ଚିତ ଓ ଲଛମା ଭଳି କାଳଜୟୀ ଉପନ୍ୟାସ ଏବଂ ରେବତୀ ଭଳି ସର୍ବପ୍ରଥମ ଆଧୁନିକ କ୍ଷୁଦ୍ରଗଳ୍ପ। ଏହି ସାହିତ୍ୟିକ କୃତିଗୁଡ଼ିକ ମାଧ୍ୟମରେ ସେ ତତ୍କାଳୀନ ସମାଜରେ ପ୍ରଚଳିତ ଥିବା କୁସଂସ୍କାର, ନାରୀ ଶିକ୍ଷାର ବିରୋଧ, ଅନ୍ଧବିଶ୍ୱାସ, ଶୋଷଣ ଓ ଜମିଦାରୀ ପ୍ରଥାର ନିଷ୍ଠୁରତା ବିରୋଧରେ ଏକ ପ୍ରଚଣ୍ଡ ସାମାଜିକ ବିପ୍ଲବର ସୂତ୍ରପାତ କରିଥିଲେ। ସାଧାରଣ ଖଟିଖିଆ ମଣିଷର ମୁହଁର ଭାଷାକୁ, ହାଟ-ବଜାରର କଥିତ ଶବ୍ଦକୁ ସେ ସାହିତ୍ୟର ସିଂହାସନରେ ବସାଇ ପ୍ରମାଣିତ କରିଥିଲେ ଯେ ଓଡ଼ିଆ ଭାଷାର ପ୍ରକାଶନ ଶକ୍ତି ପୃଥିବୀର ଯେକୌଣସି ସମୃଦ୍ଧ ଭାଷାଠାରୁ ମଧ୍ୟ ଅଧିକ। ଏହି ଭାଷାଭିତ୍ତିକ ସଚେତନତା ଓ ଆତ୍ମସମ୍ମାନବୋଧ ହିଁ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ଏବଂ ସବୁଠାରୁ ଶକ୍ତିଶାଳୀ ଭିତ୍ତିଭୂମି ସାଜିଥିଲା।

ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପ୍ରକ୍ରିୟାରେ ଫକୀରମୋହନଙ୍କ ସାଂଗଠନିକ ଓ ବୌଦ୍ଧିକ ଭୂମିକା ଥିଲା ଅନନ୍ୟ ଏବଂ ଅତୁଳନୀୟ। ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭଳି ପ୍ରାତଃସ୍ମରଣୀୟ ମହାନେତାମାନଙ୍କ ସହ ସେ କାନ୍ଧରେ କାନ୍ଧ ମିଳାଇ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା କରିଥିଲେ ଏବଂ ଏହାର ଅଭିଯାନକୁ ଓଡ଼ିଶାର ପ୍ରତ୍ୟେକ କୋଣ ଅନୁକୋଣକୁ ବ୍ୟାପ୍ତ କରାଇଥିଲେ। ବିକ୍ଷିପ୍ତ ହୋଇ ରହିଥିବା ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ସେ ନିଜର ସମସ୍ତ ଲେଖନୀ, ଚିନ୍ତାଧାରା ଓ ସର୍ବୋପରି ନିଜର ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଦେଇଥିଲେ। ବିଭିନ୍ନ ଗଡ଼ଜାତ ରାଜ୍ୟଗୁଡ଼ିକରେ ଜଣେ ଦକ୍ଷ ଦେୱାନ ବା ପ୍ରଶାସକ ଭାବେ କାର୍ଯ୍ୟ କରିବା ସମୟରେ ମଧ୍ୟ, ସେ ଶାସନ ଗଦିରେ ବସି ଓଡ଼ିଆ ଶିକ୍ଷା, ସଂସ୍କୃତି ଓ ସ୍ଥାନୀୟ ଲୋକଙ୍କ ଅଗ୍ରଗତି ପାଇଁ ସଦାସର୍ବଦା ଚେଷ୍ଟିତ ଥିଲେ। କେବଳ ଜଣେ କୃତଘ୍ନ ଓ ସ୍ୱାର୍ଥପର ବ୍ୟକ୍ତି ହିଁ ତାଙ୍କର ଏହି ମହାନ ଜାତୀୟ ତ୍ୟାଗକୁ ଅସ୍ୱୀକାର କରିପାରିବ। ଯେଉଁ ଜାତି ନିଜର ପୂର୍ବପୁରୁଷ ଏବଂ ସେମାନଙ୍କର ଅମୂଲ୍ୟ ଅବଦାନକୁ ଉପଯୁକ୍ତ ସମ୍ମାନ ଦେଇପାରେ ନାହିଁ, ସେହି ଜାତିର ସ୍ଥିତି ଏବଂ ପରିଚୟ ସଂସାରରେ ବେଶୀ ଦିନ ତିଷ୍ଠି ରହେ ନାହିଁ। ଫକୀରମୋହନ କେବଳ ଜଣେ ଐତିହାସିକ ବ୍ୟକ୍ତି ନୁହନ୍ତି, ସେ ହେଉଛନ୍ତି ଓଡ଼ିଆ ଅସ୍ମିତା, ଜାତୀୟତା ଓ ଆମ ଭାଷାର ପ୍ରାଣକେନ୍ଦ୍ର। ତେଣୁ ନିଜର ସାମୟିକ ରାଜନୈତିକ ଫାଇଦା କିମ୍ବା ଅହଂକାର ପାଇଁ ତାଙ୍କ ପ୍ରତି ଆକ୍ଷେପ କରିବା ଅତ୍ୟନ୍ତ ନିନ୍ଦନୀୟ। ଆଜିର ଯୁବପିଢ଼ି ଓ ସମଗ୍ର ଓଡ଼ିଆ ସମାଜକୁ ଫକୀରମୋହନଙ୍କ ସେହି ସ୍ୱାଭିମାନୀ ଆଦର୍ଶରେ ପୁନର୍ବାର ଅନୁପ୍ରାଣିତ ହେବାକୁ ପଡ଼ିବ। ଆମ ମାତୃଭାଷାର ପ୍ରଚାର, ପ୍ରସାର ଏବଂ ଏହି ମାଟିର ପ୍ରଗତିରେ ତାଙ୍କର ଯେଉଁ ଅକ୍ଷୟ କୀର୍ତ୍ତି ରହିଛି, ତାହା ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ଏବଂ ସଂକୀର୍ଣ୍ଣ ଚିନ୍ତାଧାରାର କୌଣସି ବି ଝଡ଼ ଏହି ମହାନ କୀର୍ତ୍ତିକୁ ଓଡ଼ିଆଙ୍କ ହୃଦୟରୁ କେବେ ହେଲେ ଲିଭାଇ ପାରିବ ନାହିଁ।

**ଅଖିଳ ତରାଇ, ଗଞ୍ଜାମ**

# ଆଇନଜୀବୀ:ସାଧାରଣ ଜନତାଙ୍କ ସୁରକ୍ଷା କବଚ

ବହୁଦିନର ପରାଧିନତା ପରେ ଆମ ଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନତା ପାଇଲା। ଦେଶ ସ୍ୱାଧୀନ ହେବାପରେ ଆମ ଦେଶକୁ କିଭଳି ଭାବେ ଶାସନ କରାଯିବ ଓ ତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଣ ରହିବ ତାହା ଆମ ସମ୍ବିଧାନ ରେ ବର୍ଣ୍ଣିତ। ଆମ ସମ୍ବିଧାନ ଏକ ଲିଖିତ ସମ୍ବିଧାନ । ସମାଜର ମଙ୍ଗଳ ନିମନ୍ତେ ଏହା ପରିପୃଷ୍ଟ ଏବଂ ଏହି ସମ୍ବିଧାନ ରୁ ଆମେ ଆମର ସମସ୍ତ କ୍ଷମତା ଏବଂ ଦକ୍ଷତା ପାଉ । କିନ୍ତୁ ସାମାଜିକ ଚଳଣି ମଧ୍ୟରେ ଅନେକ ଝଡ ଝଞ୍ଜା ର ସମ୍ମୁଖୀନ ହେବାକୁ ପଡେ ଏବଂ ସେ ସବୁର ସମାଧାନ ନିମନ୍ତେ ନିଷ୍ପେସିତ ଜନତା ଆଇନଜୀବୀ ର ପରାମର୍ଶ ଗ୍ରହଣ କରିଥାନ୍ତି। କାରଣ ଜଣେ ଆଇନଜୀବୀ ଆଇନ ବ୍ୟବସ୍ଥା ମଧ୍ୟରେ କିଭଳି ଭାବେ ଜଣେ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିପାରିବେ ଚିନ୍ତା କରିଥାନ୍ତି। ଏଣୁ ଆଇନର ବିଭିନ୍ନ ଦିଗକୁ ତର୍ଜମା କରି ମହକିଲଙ୍କ ସମସ୍ତ ସମସ୍ୟା ବିଚାରପତିଙ୍କ ସମ୍ମୁଖରେ ଉପସ୍ଥାପନା କରନ୍ତି ଏବଂ ମାନ୍ୟବର ଅଦାଲତ ଆଇନର ଗଣ୍ଡି ଭିତରେ ସମସ୍ୟା ସମାଧାନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତି।

ଜଣେ ଆଇନଜୀବୀ ସମାଜର ବିଭିନ୍ନ ଲୋକଙ୍କ ସମସ୍ୟା ର ସମାଧାନ ପାଇଁ ଅହରହ ଉଦ୍ୟମ କରନ୍ତି। ଏଣୁ ଜଣେ ଆଇନିଜୀବୀ ଙ୍କୁ ଯଥାର୍ଥରେ ଜଣେ ସମାଜ ବିଜ୍ଞାନୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ସମସ୍ତ ଚିନ୍ତା ଓ ଚେତନା କୁ ନେଇ ସମସ୍ୟାର ସମାଧାନ ପାଇଁ ସେ ଆଗଭର ହୁଅନ୍ତି। ଭାରତର ବିଭିନ୍ନ ରାଜ୍ୟରେ ଅନେକ ଆଇନଜୀବୀ ରହିଛନ୍ତି ଏବଂ ସେମାନଙ୍କର ବିଭିନ୍ନ ସଂଗଠନ ମଧ୍ୟ ରହିଛି । କାରଣ ଆମେ ସମସ୍ତେ ଜାଣୁ ଯେ ସଂଗଠନ ବିନା କୌଣସି ଦାବି ହାସଲ କରିବା କଷ୍ଟସାଧ୍ୟ ବ୍ୟାପାର ହୋଇଥାଏ। ଆମ ଓଡିଶା ର ସମସ୍ତ ଆଇନଜୀବୀ କୁ ନେଇ ନିଖିଳ ଓଡିଶା ଆଇନଜୀବୀ ସଂଘ ଗଠନ ହୋଇଅଛି। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ନିଖିଳ ଓଡିଶା ଆଇନଜୀବୀ ସଂଘ ତାର ୫୪ ତମ ବାର୍ଷିକ ସମ୍ମିଳିନୀ ଡିସେମ୍ବର ମାସ ୨୯ ଏବଂ ୩୦ ତାରିଖ ଦୁଇଦିନ ପାଳନ କରୁଛି। ଏହି ଦୁଇଦିନଆ କାର୍ଯ୍ୟକ୍ରମରେ ଆଇନଜୀବୀ ମାନେ କେବଳ ସେମାନଙ୍କ ସ୍ୱାର୍ଥ ଚିନ୍ତା କରନ୍ତି ନାହିଁ । ସାଧାରଣ ଜନତାଙ୍କ ସ୍ୱାର୍ଥ, ନ୍ୟାୟପାଳିକା ର କାର୍ଯ୍ୟ, ଦେଶର ସୁରକ୍ଷା, ଆଇନଜୀବୀ ଙ୍କ ଆର୍ଥିକ ସମସ୍ୟା, ଆଇନଜୀବୀଙ୍କ ନିମନ୍ତେ ନୂତନ ସୁରକ୍ଷା ଆଇନ ପ୍ରଣୟନ ନିମନ୍ତେ ଆଲୋଚନା କରାଯିବ।

ଆମେ ଜାଣୁ ଯେ ଦିନକୁ ଦିନ ସମସ୍ୟା ବଢି ଚାଲିଛି ଏବଂ ତାର ସମାଧାନ ଅପୋଷ ଆଲୋଚନା ମାଧ୍ୟମରେ କରିବାର ଆବଶ୍ୟକତା ରହିଛି। କାରଣ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କଲେ ଉଭୟ ପକ୍ଷ ଲାଭବାନ ହୁଅନ୍ତି ଏବଂ କୌଣସି ପକ୍ଷ ର ସମସ୍ୟା ରହେ ନାହିଁ। ଏଣୁ ବିଶେଷତଃ ସମ୍ବଲପୁର ରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀ ରେ ଆଇନଜୀବୀ ମାନେ ଯୋଗ ଦେଇ ଜନସାଧାରଣ ଙ୍କ ସୁରକ୍ଷା କବଚ ପାଲଟନ୍ତି। କାରଣ ପ୍ରତ୍ୟେକ ଆଇନଜୀବୀଙ୍କର କାର୍ଯ୍ୟ ସତ୍ୟ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ଏବଂ ପ୍ରତ୍ୟେକ ଆଇନଜୀବୀ ଏହି ଦୁଇଟି ରତ୍ନ କୁ ନିଜ ଜୀବନର ଅସ୍ତ୍ର ଭାବେ ଗ୍ରହଣ କରିଥାନ୍ତି ଏବଂ ସମ୍ବଲପୁର ଠାରେ ଅନୁଷ୍ଠିତ ହେଉଥିବା ନିଖିଳ ଓଡିଶା ଆଇନଜୀବୀ ସଂଘ ର ସମ୍ମିଳନୀ ଓଡିଆ ଜାତିର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମା' ସମଲେଶ୍ୱରୀ ଙ୍କ କୃପାରୁ ସୂଚାରୁରୂପେ ଅନୁଷ୍ଠିତ ହୋଇ ସମାଜର ସେବା କରିବା ପାଇଁ ଆଇନଜୀବୀ ଙ୍କୁ ପୁନଃ ନୂତନ ବର୍ଷରେ ସକ୍ଷମ କରାଇବେ ଏହି ବିଶ୍ୱାସ ରଖୁଛୁ ।

**ସୁରେନ୍ଦ୍ରନାଥ ପଣ୍ଡା
ଆଇନଜୀବୀ,ଆସ୍କା, ଗଞ୍ଜାମ**

# କୋୟାଗୁଡ଼ାରେ ପ୍ରଥମ ଯୁବ ସମ୍ମିଳନୀ
# ସ୍ୱାମୀ ବିବେକାନନ୍ଦଙ୍କ ବାଣୀରେ ଯୁବ ସମାଜ ପ୍ରେରିତ




କୋରୁକୋଣ୍ଡା/ମାଲକାନଗିରି , ୩୧।୫ (ଆନିସ): କୋୟାଗୁଡ଼ାର ଯୁବକମାନଙ୍କ ଦ୍ୱାରା ଏବଂ ରାମକୃଷ୍ଣ ମିଶନ ହାତମୁନିଗୁଡ଼ା, ରାୟଗଡ଼ାର ବର୍ତ୍ତମାନ ଓ ପୂର୍ବତନ ଛାତ୍ରମାନଙ୍କ ସହଯୋଗରେ କୋୟାଗୁଡ଼ା ଠାରେ ପ୍ରଥମ ଥର ପାଇଁ ଏକ ଯୁବ ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।

ଏହି ଯୁବ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା ଯୁବ ସମାଜ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ସାର୍ବଜନୀନ ବାଣୀର ପ୍ରଚାର କରିବା ଏବଂ ସେମାନଙ୍କୁ ଆତ୍ମବିକାଶ ଓ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବା। ସମ୍ମିଳନୀର ବିଷୟବସ୍ତୁ ଥିଲା ''ବିକାଶ ଓ ଉନ୍ନତି ପାଇଁ ଯୁବଶକ୍ତିଙ୍କୁ ପ୍ରେରିତ କରିବା''।

କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବେ ସ୍ୱାମୀ ପ୍ରଭୁବରାନନ୍ଦ ମହାରାଜ (ସୁଶାନ୍ତ ମହାରାଜ), ରାମକୃଷ୍ଣ ମିଶନ ହାତମୁନିଗୁଡ଼ାର ସନ୍ନ୍ୟାସୀ, ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀ ନରସିଂହ ମାଡକାମୀ, ବିଧାୟକ, ମାଲକାନଗିରି ନିର୍ବାଚନ ମଣ୍ଡଳୀ, ଶ୍ରୀ ସଞ୍ଜୟ ସରକାର, ସାଂସଦ ପ୍ରତିନିଧି, ମାଲକାନଗିରି, ଏବଂ ଶ୍ରୀ ଆର .ବିନୟ କୁମାର, ଆଇଆଇସି, କୋରୁକୋଣ୍ଡା ଥାନା ଉପସ୍ଥିତ ଥିଲେ।

ଅତିଥିମାନେ ତାଙ୍କ ବକ୍ତବ୍ୟରେ ଯୁବମାନଙ୍କୁ ନିଜର ଅନ୍ତର୍ନିହିତ ଶକ୍ତି ଓ ସମ୍ଭାବନାକୁ ଚିହ୍ନଟ କରି ଶିକ୍ଷା, ଚରିତ୍ର ଗଠନ ଓ ସମାଜସେବା ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ।

ମୁଖ୍ୟ ବକ୍ତା ସ୍ୱାମୀ ପ୍ରଭୁବରାନନ୍ଦ ମହାରାଜ ତାଙ୍କ ଉଦ୍ବୋଧନରେ କହିଥିଲେ, ''ସମାଜର ବିକାଶ ପାଇଁ ପ୍ରଥମେ ଆମ ନିଜର ବ୍ୟକ୍ତିତ୍ୱର ବିକାଶ ଆବଶ୍ୟକ।'' ସେ ଯୁବମାନଙ୍କୁ ନିୟମିତ ଅଧ୍ୟୟନ, ଶାରୀରିକ ବ୍ୟାୟାମ ଏବଂ ଧ୍ୟାନ ଅଭ୍ୟାସ କରି ସର୍ବାଙ୍ଗୀଣ ବିକାଶ ସାଧନ କରିବାକୁ ପରାମର୍ଶ ଦେଇଥିଲେ।

ରାମକୃଷ୍ଣ ମିଶନର ପୂର୍ବତନ ଛାତ୍ର ଶ୍ରୀ ସଦା ବଦନାୟକ ଓ ଶ୍ରୀ ତ୍ରିନାଥ ପେଡା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୁବମାନଙ୍କୁ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଆକାଶ ପଡ଼ିଆମୀ ଓ ମାନସ ମାଡ଼ୀ ସକ୍ରିୟ ଭାବେ ନେତୃତ୍ୱ ପ୍ରଦାନ କରିଥିଲେ।

ସମ୍ମିଳନୀରେ ପ୍ରାୟ ୪୦୦ ଜଣ ଲୋକ ଯୋଗଦେଇଥିବା ବେଳେ, ସେଥିମଧ୍ୟରୁ ୧୦୦ ଜଣ ପଞ୍ଜୀକୃତ ଯୁବ ପ୍ରତିନିଧି ଥିଲେ। ସମସ୍ତ ପଞ୍ଜୀକୃତ ଅଂଶଗ୍ରହଣକାରୀଙ୍କୁ ଆୟୋଜକମାନଙ୍କ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ଏହି ଯୁବ ସମ୍ମିଳନୀ ଅଞ୍ଚଳର ଯୁବ ସମାଜ ମଧ୍ୟରେ ଆତ୍ମବିଶ୍ୱାସ, ନେତୃତ୍ୱ ଗୁଣ ଏବଂ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଓ ବାଣୀ ଯୁବମାନଙ୍କୁ ଆଗାମୀ ଦିନରେ ସମାଜ ଓ ରାଷ୍ଟ୍ର ଗଠନରେ ଅଗ୍ରଣୀ ଭୂମିକା ନେବାକୁ ପ୍ରେରଣା ଯୋଗାଇବ।

## ଗଜପତି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅଘଟଣ
# ଖସିଲା ଛାତର ସିଲିଂ, ଅଳ୍ପକେ ବର୍ତ୍ତିଲେ ରୋଗୀ



ପାରଳାଖେମୁଣ୍ଡି, ୩୧।୫ (ଆନିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ମୁଖ୍ୟ ଡାକ୍ତରଖାନାରେ ଅଘଟଣ ଦେଖାଦେଇଛି. ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆସିଥିବା ରୋଗୀଙ୍କ ଉପରେ ହଠାତ ଛାତର ସିଲିଂ ଖସି ପଡିଲା । ଏଭଳି ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ରୋଗୀ. ଘଟଣାରୁ ପ୍ରକାଶ, ପାରଳାଖେମୁଣ୍ଡି ସାମୁଟିଆ ସାହି ନିବାସୀ ଭବଶ୍ରୀ ହଳଧର ଗତକାଲି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ. ତାଙ୍କୁ ଚିକିତ୍ସା କରିବା ପରେ ୬୩ ନଂ ସ୍ୱତନ୍ତ୍ର କେବିନରେ ବିଶ୍ରାମ କରିବା ପାଇଁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ । କିଛି ସମୟ ବିଶ୍ରାମ କରୁଥିବା ବେଳେ ହଠାତ ଛାତରୁ ସିଲିଂ ଖସି ପଡିଥିଲା । ହେଲେ ଛାତରୁ ଖସି ପଡ଼ିଥିବା ସିଲିଂ ରୋଗୀଙ୍କ ଉପରେ ନ ପଡିବା ଯୋଗୁଁ ସେ ବର୍ତ୍ତି ଯାଇଥିଲେ । ଜିଲ୍ଲା ଡାକ୍ତରଖାନାରେ ଏହି ଘଟଣା ପ୍ରସାରିତ ହେବା ପରେ ଚିକିତ୍ସିତ ହେଉଥିବା ରୋଗୀ ଏବଂ ସେମାନଙ୍କୁ ସହାୟତା ଯୋଗାଇବା ପାଇଁ ଆସିଥିବା ସମ୍ପର୍କୀୟମାନେ ଭୟଭୀତ ହୋଇପଡିଛନ୍ତି ।

# କୋଟିଆରେ ଫେଲ ମାରିଛି ବସୁଧା ଯୋଜନା




ଜୟପୁର, ୩୧।୫ (ଆନିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ କୋଟିଆରେ ବସୁଧା ଯୋଜନା ଫେଲ ମାରିଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ସମସ୍ୟାକୁ ନେଇ କୋଟିଆବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏହି ସମସ୍ୟା ଥିଲେ ମଧ୍ୟ ନା ପଞ୍ଚାୟତ ନା ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

କୋଟିଆ ଗ୍ରାମରେ ପ୍ରାୟ ୧୨୦ ଟି ଘର ରହିଥିବା ବେଳେ ୫୦୦ ରୁ ଅଧିକ ଲୋକ ବସବାସ କରୁଛନ୍ତି। ଘର ଘରକୁ ପାନୀୟ ଜଳ ଯୋଗାଇବା ପାଇଁ ବସୁଧା ଯୋଜନା ମାଧ୍ୟମରେ ପାହାଡ଼ ଉପରେ ଜଳ ଟାଙ୍କି ନିର୍ମାଣ କରାଯିବା ସହ ପ୍ରତ୍ୟେକ ଘର ଆଗରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ କରାଯାଇଥିଲା। ହେଲେ ଯୋଜନା ଶେଷ ହେବା ପରେ ମାତ୍ର ଗୋଟିଏ ସପ୍ତାହ ପାଣି ଆସିଥିଲା। ତାପରେ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି ଜଳ ଯୋଗାଣ। ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବସୁଧା ଯୋଜନା କାର୍ଯ୍ୟକାରୀ ହୋଇପାରୁନଥିବା ବେଳେ ଗ୍ରାମବାସୀ ବାଧ୍ୟ ହୋଇ ପାହାଡ଼ରୁ ପାଇପ ଯୋଗେ ଆସୁଥିବା ପାଣି ବ୍ୟବହାର କରୁଛନ୍ତି। କୋଟିଆ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କଥା କହୁଥିବା ବେଳେ କୋଟିଆ ହେଡକ୍ୱାଟରରେ ହିଁ ପାନୀୟ ଜଳ ସମସ୍ୟା ଦେଖାଦେବାକୁ ନେଇ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କଡାମ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବେ ବସୁଧା ଯୋଜନା ପୁନଃ କିପରି କାର୍ଯ୍ୟ ହେବ ସେ ନେଇ ଚେଷ୍ଟା କରିବେ ବୋଲି ବିଧାୟକ ରାମ ଚନ୍ଦ୍ର କଡାମ କହିଛନ୍ତି।

# ନିଶା ଇଞ୍ଜେକ୍ସନ କାରବାର ରେ ୫ ଗିରଫ
## ୭୫୦ ପେଣ୍ଟାଜୋନିକ ଇଞ୍ଜେକ୍ସନ, କାର ଓ ନଗଦ ଟଙ୍କା ଜବତ



ଜୟପୁର, ୩୧।୫ (ଆନିସ): କୋରାପୁଟ ଜିଲ୍ଲା ଜୟପୁରରେ ବଢ଼ୁଥିବା ନିଶା ଇଞ୍ଜେକ୍ସନ କାରବାର ଉପରେ ଜୟପୁର ଟାଉନ ପୋଲିସ ବଡ଼ ସଫଳତା ପାଇଛି। ନିଶା ଇଞ୍ଜେକ୍ସନ ବେପାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ୭୫୦ଟି ପେଣ୍ଟାଜୋନିକ ନିଶା ଇଞ୍ଜେକ୍ସନ, ଏକ ମାରୁତି ସୁଜୁକି କାର, ୫ଟି ମୋବାଇଲ ଫୋନ ଓ ନଗଦ ୧୫ ହଜାର ଟଙ୍କା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଜୟପୁର କେନାଲ ରୋଡ୍ ସ୍ଥିତ ସନ୍ଧ୍ୟା ହୋଟେଲ ନିକଟରେ ନିଶା ଇଞ୍ଜେକ୍ସନ କାରବାର ଚାଲୁଥିବା ଖବର ପାଇ ଜୟପୁର ଟାଉନ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୋଲିସ ୫ ଜଣଙ୍କୁ କାବୁ କରିଥିବାବେଳେ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଦେବାଶିଷ ପଟ୍ଟନାୟକ, ତାପସ ସାହୁ, ରାମ ହରିଜନ, ପ୍ରଦୀପ୍ତ ଖରା ଓ ସୁରଜ କୁମାର ଗୁପ୍ତା ସମସ୍ତେ ଜୟପୁର ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ସେମାନେ ବାହାରୁ ନିଶା ଇଞ୍ଜେକ୍ସନ ଆଣି ଜୟପୁରରେ ବ୍ୟବସାୟ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ନିଶା ବେପାର ପଛରେ ଥିବା ମାଷ୍ଟରମାଇଣ୍ଡକୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ଏ ନେଇ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତଲ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି।ଏହି ସାମ୍ବାଦିକ ସମିଳନୀ ରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ ।

## ଜଳବନ୍ଦୀ ଘେରରେ ୧୧ ନଂ ୱାର୍ଡବାସିନ୍ଦା, ଲିଖିତ ଅଭିଯୋଗକୁ ଅଣଦେଖା



ନର୍ଲା,୩୧/୫(ଆନିସ): ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା। ଗ୍ରାମପଞ୍ଚାୟତର ୧୧ନଂ ୱାର୍ଡବାସିନ୍ଦା ଏବେ ଜଳବନ୍ଦୀ ଘେରରେ ରହୁଛନ୍ତି।ସାମାନ୍ୟ ବର୍ଷା ହେଲେ ଭୀମକେଲା ଗ୍ରାମର ଏହି ୱାଡ଼ବାସୀ ବା ସୁନାରି ପଡାବାସୀଙ୍କୁ ପାଣି ଘେରରେ ରହିବାକୁ ପଡୁଛି। ଏ ସଂପର୍କରେ ପଡାବାସୀ ସ୍ଥାନୀୟ ଗ୍ରାମପଞ୍ଚାୟତ ସରପଞ୍ଚ ଜାନକୀ ଗଉଡ଼ଙ୍କୁ ଲିଖିତ ଅଭିଯୋଗ କରି ଉକ୍ତ ପଡ଼ାରୁ ବର୍ଷାଜଳ ନିଷ୍କାସନ ହେବାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନେଇ ସୂଚିତ କରିଥିଲେ। ତେବେ ପଡାବାସୀଙ୍କ ଅଭିଯୋଗକୁ ପଞ୍ଚାୟତ କର୍ତ୍ତୃପକ୍ଷ ଅଣଦେଖା କରିବା ଫଳରେ ଗତ ମେ ୩୦ ତାରିଖ କାଳ ବୈଶାଖୀ ବର୍ଷାରେ ଆଣ୍ଠୁଏ ପାଣି ଜମି ପଡା ଭିତରକୁ ପଶିଥିଲା। ଏଠାରେ ସୂଚନା ଯୋଗ୍ୟ ୧୧ନଂ ୱାର୍ଡରୁ ବର୍ଷା ଋତୁରେ କଂକ୍ରିଟରାସ୍ତାର ପୋଲ ଦେଇ ଜଳ ନିଷ୍କାସିତ ହେଉଥିବା ବେଳେ ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭରେ ଗ୍ରାମର ତପନ କୁର୍ମୀ ଘର ନିର୍ମାଣ ନାମରେ ଓ ମିନୀକେତନ କୁର୍ମୀ ଛୋଟ ପୋଲ ସମ୍ମୁଖରେ ମୋରମ, ମାଟି ପକାଇ ବର୍ଷା ପାଣିକୁ ଅଟକାଇ ଲୋକଙ୍କ ମଜା ନେଉଥିବା ଗ୍ରାମବାସୀ ଜଣାଇଛନ୍ତି।ଏହି ବର୍ଷା ଜଳ ଏବେ କଂକ୍ରିଟ ରାସ୍ତାଟି ଉପରେ କୃତ୍ରିମ ହ୍ରଦ ସୃଷ୍ଟି କରୁଥିବା ଯୋଗୁଁ ପଡାବାସୀ ଆଣ୍ଠୁଏ ଲୁଗା ଟେକି ଜୋତା ହାତରେ ଧରି ପଦାକୁ ଆସୁଛନ୍ତି।ଏଥି ପ୍ରତି ବ୍ଲକ୍? ପ୍ରଶାସନ ଦୃଷ୍ଟି ଦେବାକୁ ପଡାବାସୀ ସହ ଗ୍ରାମବାସୀଙ୍କ ଦାବି ରହୁଛି।

## ରୌଦ୍ରତାପରୁ ରକ୍ଷା ପାଇଁ ଜଳଛତ୍ର ଉଦ୍ଘାଟନ



କାଲିମେଲା,୩୧।୫(ଆନିସ): ପୁଲିସ୍ ପକ୍ଷରୁ ପ୍ରଖର ରୌଦ୍ରତାପରୁ ରକ୍ଷା ପାଇଁ ଜଳଛତ୍ର ଉଦ୍ଘାଟନ । ପ୍ରଖର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥିକ ଓ ସାଧାରଣ ଜନତାଙ୍କୁ ଶୋଷରୁ ଆଶ୍ୱସ୍ତି ଦେବା ପାଇଁ ଏମଭି -୭୯ ପୁଲିସ୍ ପକ୍ଷରୁ ଏକ ମାଗଣା ଜଳଛତ୍ର ଉଦ୍ଘାଟିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଜଳଛତ୍ରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବର୍ତ୍ତମାନର ଅସହ୍ୟ ଖରା ସମୟରେ ଲୋକମାନେ ଯେପରି ସୁବିଧାରେ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ, ସେଥିପାଇଁ ଏହି ପ୍ରୟାସ କରାଯାଇଥିବା ସେ କହିଛନ୍ତି । ଏହି ଜଳଛତ୍ରରେ ସାଧାରଣ ଲୋକଙ୍କ ପାଇଁ ଶୀତଳ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ଗ୍ରୀଷ୍ମ ଋତୁ ସରିବା ପର୍ଯ୍ୟନ୍ତ ଏହି ଜଳଛତ୍ର ପ୍ରତିଦିନ ଚାଲୁ ରହିବ ବୋଲି ସୂଚନା ମିଳିଛି । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟ ସହଯୋଗୀ ପୁଲିସ୍ କର୍ମଚାରୀ ମାନେ ଉପସ୍ଥିତ ରହି ଜଳ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ । ପୁଲିସ୍ ପ୍ରଶାସନର ଏଭଳି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ଓ ପଥିକମାନେ ଉଚ୍ଚ ପ୍ରଶଂସା କରିଛନ୍ତି ।

## ପ୍ରଚଣ୍ଡ ଗରମରେ ବିଦ୍ୟୁତ ବିଭ୍ରାଟ : ଟାଟା ପାୱାର କର୍ମଚାରୀଙ୍କୁ ଅଟକ ରଖିଲେ ଗ୍ରାମବାସୀ, ପୋଲିସ ଉଦ୍ଧାର କଲା



ମାଲକାନଗିରି , ୨୮।୫ (ଆନିସ): ମାଲକାନଗିରି ଜିଲ୍ଲାରେ କାଳବୈଶାଖୀ ପରବର୍ତ୍ତୀ ବିଦ୍ୟୁତ ବିଭ୍ରାଟକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ତିନି ଦିନ ଧରି ବିଦ୍ୟୁତ ସେବା ବନ୍ଦ ରହିବାରୁ ଉତ୍ୟକ୍ତ ଗ୍ରାମବାସୀ ଏମ୍‌ଭି-୬ ଗାଁକୁ ମରାମତି କାମ ପାଇଁ ଯାଇଥିବା ଟାଟା ପାୱାର କର୍ମଚାରୀଙ୍କୁ ଅଟକ ରଖିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରି କର୍ମଚାରୀମାନଙ୍କୁ ଉଦ୍ଧାର କରିଥିଲା।

ସୂଚନା ଅନୁଯାୟୀ, ତିନି ଦିନ ତଳେ ହୋଇଥିବା କାଳବୈଶାଖୀ ଝଡ଼ରେ ଅନେକ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିଲା ଓ ବିଦ୍ୟୁତ ତାର କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଏମ୍‌ଭି-୫, ଏମ୍‌ଭି-୬, ଏମ୍‌ଭି-୪୫ ସମେତ ଅନେକ ଗାଁରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇ ରହିଥିଲା। ତିନି ଦିନ ଧରି ବିଦ୍ୟୁତ ନଥିବାରୁ ପ୍ରଚଣ୍ଡ ଗରମରେ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିଲେ।

ଅଭିଯୋଗ ଅନୁସାରେ, କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଣ୍ଟଗୁଡ଼ିକର ମରାମତି କାର୍ଯ୍ୟ ଧୀର ଗତିରେ ଚାଲିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଗତକାଲି ରାତିରେ ମରାମତି କାମ ପାଇଁ ଏମ୍‌ଭି-୬ ଅଞ୍ଚଳକୁ ଯାଇଥିବା ଟାଟା ପାୱାର କର୍ମଚାରୀମାନଙ୍କୁ ପ୍ରାୟ ଦଶଟି ଗାଁର ଲୋକ ଅଟକ ରଖିଥିଲେ ଏବଂ ଶୀଘ୍ର ବିଦ୍ୟୁତ ସଂଯୋଗ ଦାବି କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ଲୋକଙ୍କୁ ବୁଝାସୁଝା କରି ଅଟକ ଥିବା କର୍ମଚାରୀମାନଙ୍କୁ ଉଦ୍ଧାର କରାଯାଇଥିଲା।

ଟାଟା ପାୱାର ପକ୍ଷରୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ ପ୍ରୟାସ ଜାରି ରହିଥିବା ସହ ଶୀଘ୍ର ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଏହି ଘଟଣା ବିଦ୍ୟୁତ ବିଭ୍ରାଟ ଜନିତ ଜନଅସନ୍ତୋଷକୁ ସାମ୍ନାକୁ ଆଣିଥିବା ବେଳେ, ଦୁର୍ଯୋଗ ପରବର୍ତ୍ତୀ ସମୟରେ ବିଦ୍ୟୁତ ଭିତ୍ତିଭୂମିର ଶୀଘ୍ର ମରାମତି ଏବଂ ଗ୍ରାହକଙ୍କ ସହ ଉତ୍ତମ ସମନ୍ୱୟର ଆବଶ୍ୟକତାକୁ ମଧ୍ୟ ଉଜାଗର କରିଛି। ବର୍ତ୍ତମାନ ପ୍ରଭାବିତ ଗାଁଗୁଡ଼ିକରେ କେବେ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ ସେବା ସ୍ୱାଭାବିକ ହେବ, ସେନେଇ ଲୋକଙ୍କ ଅପେକ୍ଷା ଜାରି ରହିଛି।

## ଦେବଗିରି ପର୍ଯ୍ୟଟନ ଉନ୍ନତି ପାଇଁ ୧କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ପାଣିରେ ପଡିଲା
# ସାଧାରଣ ବର୍ଷାରେ ଭାଙ୍ଗିଲା ମୁଖ୍ୟ ପ୍ରବେଶ ଦ୍ୱାରର ଗେଟ



ପାରଳାଖେମୁଣ୍ଡି , ୩୧।୫ (ଆନିସ): ଗଜପତି ଜିଲ୍ଲାର ଦେବଗିରି ପର୍ଯ୍ୟଟନରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ନିମ୍ନମାନର କରାଯିବା ଯୋଗୁଁ ୧କୋଟ୨୩ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ସାଧାରଣରେ ଅଭିଯୋଗ ହୋଇଛି । ସାଧାରଣ ବର୍ଷା ଓ ପବନରେ ମୁଖ୍ୟ ପ୍ରବେଶ ଦ୍ୱାରର ଗେଟ ଭାଙ୍ଗି ପଡିବା ଘଟଣା ନେଇ ସାଧାରଣରେ ଉଦବେଗ ପ୍ରକାଶ କରାଯାଇଛି. ଅଞ୍ଚଳବାସୀ ଏନେଇ ଅଭିଯୋଗ କରିଛନ୍ତି ଯେ, ଦେବଗିରି ପାହାଡ଼ରେ ପର୍ଯ୍ୟଟନର ବିକାଶ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧ କୋଟି ୨୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ନିର୍ମାଣ ଦାୟିତ୍ୱ ଏନବିସିସିକୁ ଦିଆଯାଇଥିଲା । ହେଲେ ଅନୁଦାନ ମଞ୍ଜୁର ହେବାର ଦୀର୍ଘ ସମୟ ପରେ ମଧ୍ୟ ଉନ୍ନୟନ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇନଥିବା ବେଳେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯିବା ଯୋଗୁଁ ଦେବଗିରି ପାଦଦେଶରେ ନିର୍ମିତ ମୁଖ୍ୟ ପ୍ରବେଶଦ୍ୱାରରେ ଥିବା ଗେଟ ଟି ଗତ ଶୁକ୍ରବାର ରାତିରେ ହୋଇଥିବା ସାଧାରଣ ବର୍ଷା ଓ ପବନରେ ଭାଙ୍ଗି ପଡ଼ିବା ପରେ ନିର୍ମାଣ କାର୍ଯ୍ୟ କେତେଦୂର ନିମ୍ନମାନର ହୋଇଛି ତାହା ଅନୁମେୟ । ଏଥିସହ ଏହି ନିର୍ମାଣ କାର୍ଯ୍ୟରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର କରାଯିବା ଯୋଗୁଁ ସାଧାରଣ ବର୍ଷାରେ ପ୍ରବେଶ ଦ୍ୱାରର ଗେଟଟି ଭାଙ୍ଗି ପଡ଼ିଥିଲା. ଘଟଣା ନେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

# ବୋର୍ଡ କହୁଛି ରାସ୍ତା ହୋଇଛି, ଲୋକ କହୁଛନ୍ତି ରାସ୍ତା କେଉଁଠି ଫଳକ କୁ ନେଇ ସନ୍ଦେହରେ ସାହି ବାସିନ୍ଦା




ମାଲକାନଗିରି , ୩୧।୫ (ଆନିସ): ମାଲକାନଗିରି ପୌରାଞ୍ଚଳର ୧୮ ନମ୍ବର ୱାର୍ଡ ନୂଆଗୁଡ଼ା ଅଞ୍ଚଳରେ ଏକ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ମାଲକାନଗିରି ମୁନିସିପାଲିଟି ପକ୍ଷରୁ ସ୍ଥାପିତ ଏକ ସୂଚନା ଫଳକରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ କମ୍ୟୁନିଟି ସେଣ୍ଟର ପର୍ଯ୍ୟନ୍ତ ଫାଇବର ରୋଡ଼ ନିର୍ମାଣ ପାଇଁ ୧୧ ଲକ୍ଷ ୯୨ ହଜାର ୨୩୬ ଟଙ୍କା ବ୍ୟୟରେ କାମ ଅନୁମୋଦନ ହୋଇଥିବା ଉଲ୍ଲେଖ ରହିଛି।

ଫଳକରେ ଦର୍ଶାଯାଇଥିବା ସୂଚନା ଅନୁସାରେ, ଏହି ପ୍ରକଳ୍ପର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୯୫ ହଜାର ୯୦୮ ଟଙ୍କା ଥିବା ବେଳେ ଠିକା ମୂଲ୍ୟ ୧୧ ଲକ୍ଷ ୯୨ ହଜାର ୨୩୬ ଟଙ୍କା ରହିଛି। କାମଟି ୨୦୨୩-୨୪ ଆର୍ଥିକ ବର୍ଷର ଏସ୍‌ଏଫ୍‌ସି/ସିଏଫ୍‌ଜି ଗ୍ରାଣ୍ଟ ଅଧୀନରେ ଅନୁମୋଦିତ ହୋଇଥିବା ସହ ୧୫ ଅକ୍ଟୋବର ୨୦୨୪ରେ ଆରମ୍ଭ ହୋଇଥିବା ଉଲ୍ଲେଖ ରହିଛି।

କିନ୍ତୁ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଯେଉଁ ରାସ୍ତାରେ ଫାଇବର ରୋଡ଼ ନିର୍ମାଣ ହୋଇଥିବା ଦର୍ଶାଯାଇଛି, ସେଠାରେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣର କୌଣସି ଦୃଶ୍ୟମାନ ଚିହ୍ନ ନାହିଁ। ''ଗୋଟିଏ ଇଟା ମଧ୍ୟ ପଡ଼ିନାହିଁ, କିନ୍ତୁ ବୋର୍ଡରେ କାମ ସମ୍ପନ୍ନ ଭଳି ତଥ୍ୟ ରହିଛି,'' ବୋଲି କେତେକ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ଏନ୍‌ଏଚ୍-୩୨୬ ସଂଲଗ୍ନ ଏହି ବସ୍ତିରେ ଦୈନିକ ଅନେକ ଲୋକ ଯାତାୟାତ କରୁଥିବା ବେଳେ ରାସ୍ତା ସମସ୍ୟା ଦୀର୍ଘଦିନ ଧରି ରହିଥିବା ସେମାନେ କହିଛନ୍ତି। ତେଣୁ ପ୍ରକଳ୍ପ ପାଇଁ ଅନୁମୋଦିତ ଅର୍ଥର ବ୍ୟବହାର ଏବଂ ପ୍ରକୃତରେ କାମ ହୋଇଛି କି ନାହିଁ, ସେନେଇ ନିରପେକ୍ଷ ତଦନ୍ତ କରିବାକୁ ଦାବି ଉଠିଛି।

ଏହି ଘଟଣାରେ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ଦୃଷ୍ଟି କେବେ ପଡ଼ିବ ଓ ପ୍ରକୃତ ସ୍ଥିତି ସାମ୍ନାକୁ ଆସିବ, ତାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

# ଗୁଣପୁର ପୌରପାଳିକାରେ ମନମୁଖୀ ଇଞ୍ଜିନିଅରିଂ ବ୍ୟବସ୍ଥା

- ୱାର୍ଡ ନଂ ୧୮ର ବିବାଦୀୟ ପ୍ରକଳ୍ପ ନେଇ ସନ୍ଦେହ ଘେରରେ ଅଧିକାରୀ
- ଇଜମେଣ୍ଟ ଅଧିକାର କ୍ଷୁର୍ଣ୍ଣ, ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ ଚେତାବନୀ

ରାୟଗଡା,୩୧୦୫(ଆନିସ): ପୌରପାଳିକା ତଥା ଉନ୍ନୟନ କର୍ତ୍ତୃପକ୍ଷମାନେ ସମ୍ବିଧାନର ମୌଳିକ ସିଦ୍ଧାନ୍ତ ଅନୁଯାୟୀ ନ୍ୟାୟସଙ୍ଗତ, ସ୍ୱଚ୍ଛ ଓ ଯୁକ୍ତିଯୁକ୍ତ ଭାବେ କାର୍ଯ୍ୟ ସମ୍ପାଦନ କରିବାର ବାଧ୍ୟବାଧକତା ରହିଛି। ଉନ୍ନୟନ କାର୍ଯ୍ୟ ନାମରେ ସେମାନେ କୌଣସି ବ୍ୟକ୍ତିଙ୍କ ସ୍ଥାପିତ ନାଗରିକ ଓ ଇଜମେଣ୍ଟ ଅଧିକାରକୁ କ୍ଷତି ପହଞ୍ଚାଇ ପାରିବେ ନାହିଁ କିମ୍ବା ସାର୍ବଜନୀନ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଭୂମିର ସ୍ୱରୂପକୁ ମନମୁଖୀ ଭାବରେ ପରିବର୍ତ୍ତିତ କରିପାରିବେ ନାହିଁ ହେଲେ ଗୁଣପୁର ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ସହକାରୀ ଯନ୍ତ୍ରୀ ଙ୍କ ପକ୍ଷରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ଏବେ ଜିଲ୍ଲାରେ ଚର୍ଚ୍ଚା ର ବିଷୟ ହୋଇଛି ପୌରପାଳିକା ଅନ୍ତର୍ଗତ ନୀଳଚକ୍ର ନଗର ୱାର୍ଡ ନଂ ୧୮ ଠାରେ ପ୍ରସ୍ତାବିତ ଏକ ପ୍ରକଳ୍ପ ନିର୍ମାଣ କୁ ନେଇ ବିଭାଗୀୟ ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ଥିବା ଅଭିଯୋଗ ହୋଇଛି ପୌରପାଳିକା ଦ୍ୱାରା ପତ୍ର ସଂଖ୍ୟା ୫୦୮, ତା ୨୯.୦୧.୨୦୨୬ ରେ ୪ ଲକ୍ଷ ୨୩ ହଜାର ମୂଲ୍ୟ ରେ କମ୍ୟୁନିଟି ହଲ ସମ୍ପୂର୍ଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା ତେବେ ପ୍ରସ୍ତାବିତ ପ୍ରକଳ୍ପ ଟି କୁ ପୌରପାଳିକାର ସମ୍ପୃକ୍ତ ୱାର୍ଡ ଠାରେ, ଘର ସଂଖ୍ୟା ୦୪୨ ଓ ୦୪୩ ମଧ୍ୟରେ ନିର୍ମାଣ କରାଯିବା ନେଇ ସ୍ଥାନ ଚିନ୍‌ହଟ କରାଯାଇଛି ଯାହାକୁ ନେଇ ଏବେ ପୌରପାଳିକା ର ଅଧିକାରୀ ମାନଙ୍କ କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି ପ୍ରସ୍ତାବିତ ସ୍ଥାନ ଟି ୧୬ ଫୁଟ ବିଶିଷ୍ଟ ହୋଇଥିବା ସ୍ଥଳେ ଏହି ସ୍ଥାନ ଟି କୁ ସେଠାକାର ସାଧାରଣ ଜନତା ସାହି ରାସ୍ତା ଭାବେ ନାଳ କୁ ଯିବା ପାଇଁ ଦଶନ୍ଧି ଦଶନ୍ଧି ଧରି ବ୍ୟବହାର କରିଆସୁଛନ୍ତି ଅତୀତରେ ଉକ୍ତ ସ୍ଥାନ ଟିକୁ ନକ୍ସା ରେ ରାସ୍ତା ଥିବା ଦର୍ଶାଇ ପ୍ଲଟ ମାଲିକ ରିଅଲ ଇଷ୍ଟେଟ କାରବାର କରିଥିଲେ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳ ଟି ଗ୍ରାମ ଶାସନ ଦ୍ୱାରା ପରିଚାଳିତ ହେଉଥିବା ବେଳେ ପ୍ଲଟ ର ପୂର୍ବ ମାଲିକ ରାଧାକୃଷ୍ଣ ବୈଦ୍ୟଭୂଷଣ ସମ୍ପୃକ୍ତ ପ୍ଲଟ ର ସମସ୍ତ ରାସ୍ତା ଗୁଡିକୁ ବିଦ୍ଧିବଦ୍ଧ ଭାବେ ଗ୍ରାମ ପଞ୍ଚାୟତ କୁ ହସ୍ତାନ୍ତର କରିଦେଇଥିବା କୁହାଯାଉଛି ତେବେ ସାମୁହିକ ରାସ୍ତା ଭାବେ ଦୀର୍ଘ ବର୍ଷ ହେବ ବ୍ୟବହାର ହେଉଥିବା ସ୍ଥାନ ରେ ପୌରପାଳିକା ରାସ୍ତା ଅବରୋଧ କରି ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ନେଇ ଅସନ୍ତୋଷ ଦେଖାଦେଇଛି ବିଶେଷ କରି ଘର ନଂ ୦୪୩ ତରଫରୁ ଏ ନେଇ ପୁନଃ ବିଚାର କରାଯିବା ପାଇଁ ପୌରନିର୍ବାହୀ ଅଧିକାରୀଙ୍କୁ ନିବେଦନ କରାଯାଇଥିବା ସୂଚନା ରହିଛି ଏଠାରେ ଉଲ୍ଲେଖ ଥାଉକି ଯେକୌଣସି ପ୍ରକଳ୍ପ ନିର୍ମାଣ ପୂର୍ବରୁ ପ୍ରକଳ୍ପ ର ସମ୍ଭାବ୍ୟତା ଅନୁଧ୍ୟାନ, ପ୍ରକଳ୍ପ ନିର୍ମାଣ ସ୍ଥାନ, ପ୍ରକଳ୍ପ ନିର୍ମାଣ ଦ୍ୱାରା କୌଣସି ବ୍ୟକ୍ତି ବିଶେଷ ଙ୍କ କ୍ଷୟ କ୍ଷତି, ଅଧିକାର କୁ ହାନି, ଆପତ୍ତି, ଅଭିଯୋଗ ଆଦି ଦିଗ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥାଏ ଫିଜିବିଲିଟି ରିପୋର୍ଟ ସହ ସମ୍ପୃକ୍ତ ସ୍ଥାନ ର ଜିଓ ଟ୍ୟାଗିଂ ଆଦି ପରେ ଏହାର ବୈଷୟିକ ଆକଳନ ପ୍ରକ୍ରିୟା ସବୁ କରାଯିବା ନିୟମ ରହିଛି ତେବେ ଏହି କ୍ଷେତ୍ରରେ ଗୁଣୁପୁର ପୌର କାର୍ଯ୍ୟାଳୟ ର ଅତିରିକ୍ତ ସହକାରୀ ଯନ୍ତ୍ରି ରାସ୍ତା ଉପରେ ପ୍ରକଳ୍ପ ନିର୍ମାଣ ପାଇଁ କିଭଳି ଲେ ଆଉଟ ତଥା ଅନୁମତି ଦେଲେ ତାହା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ନୀଳଚକ୍ର ନଗର ପ୍ଲଟ୍ ?ଗୁଡ଼ିକ ଲେଆଉଟ୍? ପ୍ଲାନ ରେ ସମ୍ପୃକ୍ତ ସ୍ଥାନ କୁ ୧୬ ଫୁଟ୍? ରାସ୍ତା ଭାବେ ଦର୍ଶାଯାଇଛି ଯାହାପରେ ବିଭିନ୍ନ ବ୍ୟକ୍ତି ବିଶେଷ ଏହାକୁ କିଣି ବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ତେଣୁ ଘର ସଂଖ୍ୟା ୦୪୩ ଙ୍କ ପକ୍ଷରେ ଭାରତୀୟ ଇଜମେଣ୍ଟ ଆକ୍ଟ ୧୮୮୨ ଅନୁଯାଇ ସେହି ରାସ୍ତା ବ୍ୟବହାର କରିବାର ଏକ ନିହିତ ଅଧିକାର ଇଂପ୍ଲାଇଡ଼ ଇଜମେଣ୍ଟ ରାଇଟ୍ସ ରହିଛି ସେହି ରାସ୍ତାକୁ ବନ୍ଦ କରିବା କିମ୍ବା ସେଥିରେ ନିର୍ମାଣ କରିବାକୁ ଅନୁମତି ଦେବା ଅଧିକାର ପୌରପାଳିକା କିମ୍ବା କୌଣସି ଅନୁଷ୍ଠାନ ର ନାହିଁ ବୋଲି ବରିଷ୍ଠ ଆଇନଜୀବୀ ରାମ ଚନ୍ଦ୍ର ମିଣିଆକା ପ୍ରକାଶ କରିଛନ୍ତି ତେଣେ ନିଜ ମହକିଲଙ୍କ ଅଧିକାର କୁ କ୍ଷୁର୍ଣ୍ଣ କରୁଥିବା ହେତୁ ଡୁଡା ମୁଖ୍ୟ ନିର୍ବାହୀ ଅଧିକାରୀ, ଗୁଣୁପୁର ପୌର ନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ ସହକାରୀ ଯନ୍ତ୍ରୀ ଙ୍କୁ ନୋଟିସ ଜାରି କରାଯାଇଥିବା ନେଇ ଶ୍ରୀ ମିଣିଆକା ସ୍ପଷ୍ଟ କରିଛନ୍ତି ତେବେ ଏ ନେଇ ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଏବଂ ଅତିରିକ୍ତ ସହକାରୀ ଯନ୍ତ୍ରୀ ଡ଼ି. ଯୁଧିଷ୍ଠିର ଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଏଯାଏଁ ଯୋଗାଯୋଗ ହୋଇ ପାରିନାହିଁ ପ୍ରକଳ୍ପ ନିର୍ମାଣ ପାଇଁ ସମ୍ଭାବ୍ୟତା ନଥିବା ସତ୍ତ୍ୱେ ଅଧିକାରୀ ମାନେ ଏଭଳି ବେଆଇନ କାର୍ଯ୍ୟ କଳାପ ପାଇଁ କାହିଁକି ଏତେ ଆତୁର ତାହା ଏବେ ଚର୍ଚ୍ଚା ର ବିଷୟ ହୋଇଥିବା ବେଳେ ଅଧିକାରୀ ମାନେ ବେଆଇନ କାର୍ଯ୍ୟକଳାପରୁ କ୍ଷାନ୍ତ ରହିବା ପାଇଁ ସାଧାରଣ ରେ ଦାବି ହେଉଛି ।

# ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନୟାଗଡ଼, ୩୧।୫ (ଆନିସ): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆଜି ଏକ ଯୁଗର ପରିସମାପ୍ତି ଘଟିଛି। ଦୀର୍ଘ ବର୍ଷ ଧରି ଶିକ୍ଷା ଓ ପ୍ରଶାସନିକ ଦକ୍ଷତା ପାଇଁ ସୁନାମ ଅର୍ଜନ କରିଥିବା



ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିପିନ କୁମାର ପଟ୍ଟନାୟକ ଆଜି ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି।

ଶ୍ରୀ ପଟ୍ଟନାୟକଙ୍କ ଅବସର ପରେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀ ପ୍ରକାଶ କୁମାର ରାଉତ ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଆଜି ଅପରାହ୍ଣରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବିଦାୟୀ ଅଧକ୍ଷ ଶ୍ରୀ ପଟ୍ଟନାୟକ ନବନିଯୁକ୍ତ ଅଧକ୍ଷ ଶ୍ରୀ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ମହାବିଦ୍ୟାଳୟର ଶୈକ୍ଷିକ ମାନ ବୃଦ୍ଧି, ଭିତ୍ତିଭୂମି ବିକାଶ ଓ ଛାତ୍ର ଶୃଙ୍ଖଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମସ୍ତେ କୃତଜ୍ଞତା ପ୍ରକାଶ କରିଥିଲେ। ''ଦାୟିତ୍ୱ ଗ୍ରହଣ କରି ପ୍ରକାଶ କୁମାର ରାଉତ କହିଛନ୍ତି, ''ପ୍ରଫେସର ପଟ୍ଟନାୟକ ସାରଙ୍କ ପରି ଜଣେ ଯଶସ୍ୱୀ ଶିକ୍ଷାବିତଙ୍କ ପରେ ଦାୟିତ୍ୱ ନେବା ମୋ ପାଇଁ ଗୌରବ ସହ ଏକ ବଡ଼ ଆହ୍ୱାନ। ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବିକାଶ ଧାରାକୁ ଆଗକୁ ନେବା ସହ ମହାବିଦ୍ୟାଳୟକୁ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢି ତୋଳିବା ମୋର ପ୍ରାଥମିକତା ହେବ।''ଶ୍ରୀ ରାଉତ ଜଣେ ଅନୁଭବୀ ଶିକ୍ଷାବିତ୍ ଓ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଜଣେ ସୁପରିଚିତ ବ୍ୟକ୍ତିତ୍ୱ । ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ବିଭାଗର ମୁଖ୍ୟ, ଅଧାପକ-ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ଅବସର ଗ୍ରହଣ କଲେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ନୟାଗଡ଼,୩୧।୫ (ଆନିସ): ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଆଜି ଅବସର ଗ୍ରହଣ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧ୍ୟକ୍ଷତାରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଡେପୁଟି କଲେକ୍ଟର ତପସ୍ୱିନୀ ହାଁସଦା ଏବଂ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତି ଆଚାର୍ଯ୍ୟ ନୟାଗଡ଼ରେ ଦୀର୍ଘ ଏକ ବର୍ଷ କାଳ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଥିଲେ ।

# ରଥଯାତ୍ରା ଅବସରରେ ରେଳବାଇ ପରିଚାଳନା ସମ୍ପର୍କରେ ସମୀକ୍ଷା ବୈଠକ

ପୁରୀ ୩୦/୫ (ଆନିସ): ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇ ର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଆଜି ଅପରାହ୍ଣ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ ।ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ଯାତାୟତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ।ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷ ଙ୍କ ର ଆୟୋଜନ ସମ୍ପର୍କରେ ବିଷଦ ଭାବେ ଏହି ବୈଠକରେ ଆଲୋଚନା କରାଯାଇଥିଲା।ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା,କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଆଇଜି ଆରପିଏଫ ଅଶୋକ ବେହେରା,ଏସ ପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଲା,ରେଲୱେ ଷ୍ଟେସନ ଡାଇରେକ୍ଟର ପ୍ରମୁଖ ଯୋଗ ଦେଇ ପୁରୀ ଠାରୁ କଟକ,ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡକୁ ଅଧିକ ରେଲ ଚଳାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ।ଏହା ଦ୍ୱାରା ଯାତ୍ରୀ ମାନଙ୍କ ର ଭିଡ ହ୍ରାସ ହୋଇ ପାରିବ।ସେହିପରି ଯାତ୍ରୀ ବିଶ୍ରାମ ସ୍ଥଳ, ଶୌଚାଳୟ, ଅଧିକ ଟିକେଟ କାଉଁଟର ଖୋଲିବା, ବର୍ଷା ହେଲେ ଯେଉଁ ଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଯାତ୍ରୀ ମାନଙ୍କୁ ଅଧିକ ରୁ ଅଧିକ ଅପ ଟୁ ଡେଟ ସୂଚନା ପ୍ରଦାନ କରିବା,ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କ ରେ ଅନ୍ନଦାନ ବ୍ୟବସ୍ଥା କରିବା ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ,ପାନୀୟ ଜଳର ବ୍ୟବସ୍ଥା କରିବା, ଯାତ୍ରୀ ସୁରକ୍ଷା ପାଇଁ ଆରପିଏଫ ଙ୍କୁ ଦାୟିତ୍ୱ ସହ ସିସିଟିଭି ର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।ରେଳବାଇ ର ନିର୍ମାଣ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା।ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟ ର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ।ପରେ ସମସ୍ତ ଅଧିକାରୀ ମାନେ ପୁରୀ ରେଳଷ୍ଟେସନ ର କ୍ଷେତ୍ର ପରିଦର୍ଶନ କରିଥିଲେ।ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସଚିନ ପାଟିଲ,ସୌମ୍ୟ ରଞ୍ଜନ ମଲ୍ଲିକ, ଦେବୀ ପ୍ରସାଦ ପ୍ରତାପ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ଅନ୍ୟାନ୍ୟ ପ୍ରଶାସନିକ ଓ ପୋଲିସ ଅଧିକାରୀ, ରେଳବାଇ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ସାଇକେଲରେ ଦୁଇ ଭାଇଙ୍କ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଯାତ୍ରା



ବିନିକା ୩୧/୫(ଆନିସ ): ମହାରାଷ୍ଟ୍ର ର ଦୁଇଭାଇ ନାରାୟଣ ଓ ସୁଗ୍ରୀବ ଚାରିଧାମ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସାଇକେଲ ଯାତ୍ରା କରିଛନ୍ତି । ଗତ ବର୍ଷ ଏପ୍ରିଲ ମାସରୁ ମହାରାଷ୍ଟ୍ର ରୁ ଦୁଇଭାଇ ଚାରିଧାମ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା ଆରମ୍ଭ କରି ଛନ୍ତି ଦୁଇ ଭାଇଙ୍କ ଭାରତ ର କୋଣ ଅନୁକୋଣରେ ଥିବା ସମସ୍ତ ଦେବା ଦେବୀ ଙ୍କ ଦର୍ଶନ କରିବା ସହ ସନାତନୀ ଧର୍ମର ବିଭିନ୍ନ ଅଞ୍ଚଳର କଳା ସଂସ୍କୃତି କୁ ପାଖରୁ ଦେଖିବା ଲକ୍ଷ୍ୟ ନେଇ ଏହି ଯାତ୍ରା କରୁଥିବା କହିଛନ୍ତି ଦୁଇଭାଇ ଆଜି ବିନିକାରେ ଦୁଇ ଭାଇ ପହଁଞ୍ଚିବା ପରେ ଦୁଇଭାଇ ଙ୍କୁ ସ୍ୱାଗତ କରାଯାଇଥିଲା ପୂର୍ବରୁ ଭାରତର ଦୁଇଧାମ ବଦ୍ରୀନାଥ ଓ ଦ୍ୱାରିକା ଧାମ ପରିଭ୍ରମଣ ସହ କିଛି ଜ୍ୟୋତିରଲିଙ୍ଗ ଦର୍ଶନ କରିଥିବା ବେଳେ ଏବେ ପୁରୀ ଜଗନ୍ନାଥ ଧାମ ଅଭିମୁଖେ ଯାଉଥିବା କହିଛନ୍ତି ।

# ଓଡ଼ିଶା ବ୍ରିଗେଡ୍ ସ୍କୁଲରେ ବ୍ରିଗେଡ୍ ସମର କ୍ୟାମ୍ପ-

୦ବାରିପଦା/ଝାରପୋଖରିଆ, ୩୧।୫ (ଆନିସ): ମୟୁରଭଂଜ ଜିଲ୍ଲା ସାରସକଣା ବ୍ଲକ ଅନ୍ତର୍ଗତ ଝାରପୋଖରିଆ ଠାରେ ଥିବା ଓଡ଼ିଶା ବ୍ରିଗେଡ ସ୍କୁଲ ର ବ୍ରିଗେଡ ସମର କ୍ୟାମ୍ପ-୨୦୨୬ ର ଉଦଯାପନୀ ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ୟାମ୍ପ ମଇ ମାସ ୧୮ ତାରିଖରୁ ଆରମ୍ଭ ହୋଇ ଗତକାଲି ୩୦ ତାରିଖ ଶନିବାର ଦିନ ଶେଷ ହୋଇଛି । ଓଡ଼ିଶା ବ୍ରିଗେଡ୍ ସ୍କୁଲର ସମ୍ପାଦକ ଶ୍ରୀଯୁକ୍ତ ସାଇକୃପା ଜେନା ଏବଂ ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଦୀପିକା ଦାଶ ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମର କ୍ୟାମ୍ପ ର ଉଦଯାପନୀ ଉତ୍ସବରେ ସ୍କୁଲର ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ସେଠୀ , ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଯୁକ୍ତ ହୃଷୀକେଶ ଜେନା, ସମ୍ପାଦକ ଶ୍ରୀଯୁକ୍ତ ସାଇକୃପା ଜେନା, ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଦୀପିକା ଦାଶ, ପରାମର୍ଶଦାତା କମିଟିର ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶ ରଞ୍ଜନ ଦାସ ଏବଂ ଶ୍ରୀଯୁକ୍ତ ମଳୟ କୁମାର ନାୟକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଶିକ୍ଷକ ଶ୍ରୀ ରଜତ କୁମାର ବସା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ନିର୍ମଳା ସାହୁ ସମଗ୍ର କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ସଞ୍ଚାଳନା କରିଥିଲେ। ସମର କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ନିଜ ଦକ୍ଷତା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନକୁ ମୋହିତ କରିଥିଲେ। ପରବର୍ତ୍ତୀ ସମୟରେ ଅତିଥିମାନଙ୍କ ଦ୍ୱାରା ସମର କ୍ୟାମ୍ପର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ନିଜ ଅଭିଭାଷଣରେ ଅତିଥିମାନେ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶରେ ଏଭଳି ସମର କ୍ୟାମ୍ପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉକ୍ତ ସମର କ୍ୟାମ୍ପର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ନମିତା ଦଣ୍ଡପାଟ ଓ ଶ୍ରୀମତୀ ସଞ୍ଜିତା ବିଶ୍ୱାଳ କ୍ୟାମ୍ପକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀଯୁକ୍ତ ରାଜୀବ କୁମାର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଟି ର ସଫଳତା ନିମନ୍ତେ ବିଦ୍ୟାଳୟ ର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀଯୁକ୍ତ ହୃଷୀକେଶ ଜେନା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଅଭିଭାବିକା ଓ ଛାତ୍ର ଛତ୍ରୀମାନଙ୍କ ର ମିଳିତ ସହଯୋଗ କୁ ଶ୍ରେୟ ଦେଇଥିଲେ।

# ଜିଲ୍ଲାପରିଷଦ କାର୍ଯ୍ୟାଳୟ ମହିଳା ଶୌଚଳୟରେ କ୍ୟାମେରା ଘଟଣାର ପର୍ଦ୍ଦାଫାସ, ଅଭିଯୁକ୍ତ ଗିରଫ

ଜଗତସିଂହପୁର, ୩୧।୫ (ଆନିସ): ଜଗତସିଂହପୁର ଜିଲ୍ଲାପରିଷଦ କଯ୍ୟାଳୟରେ ଥିବା ମହିଳା ଶୌଚଳୟରେ ସ୍ପାଇ କ୍ୟାମେରା ଲାଗିବାର ୬ ଦିନରେ ତାର ପର୍ଦା ଫାସ ହୋଇଛି ।ପୋଲିସ ଅଭିଯୁକ୍ତ ଠାରୁ ଗୋଟିଏ କଳାରଙ୍ଗର ସ୍ପାଇ କ୍ୟାମେରା ,ଏକ ହାର୍ଡ ଦିସ,ଏକ ଏଚ ପି ପେନ ଡ୍ରାଇଭି,ଏକ ମୋବାଇଲ ଫୋନ ଏବଂ କ୍ୟାମେରା ର ରସିଦ ପୋଲିସ ଜବତ କରିବା ସହିତ ଅଭିଯୁକ୍ତ ରେଭିନିୟୁ ଆସିଷ୍ଟାଣ୍ଟ ଜିଲ୍ଲାପରିଷଦ କାର୍ଯ୍ୟାଳୟ ରେ କାର୍ଯ୍ୟକରୁ ଥିବା ସଞ୍ଜୟ ଆଢେଖ କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ବିଷୟ ଏସ୍ପି ଅଙ୍କିତ ବର୍ମା ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି ।ଗତ ୨୫ ତାରିଖ ରେ ଜିଲ୍ଲାପରିଷଦ କାର୍ଯ୍ୟାଳୟ ରେ ଥିବା ମହିଳା ଶୌଚଳୟକୁ ଜଣେ ମହିଳା ଯାଇଥିବା ବେଳେ ଏକ ସ୍ପାଇ କ୍ୟାମେରା ତଳେ ପଡିଥିବା ଦେଖିବା ପରେ ମହିଳା ଜଣକ ଅତିରିକ୍ତ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲିକଙ୍କୁ ଜଣାଇଥିଲେ ।ତା୨୬/୫ ରେ ଅଧିକାରୀ ଜଣକ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲେ ।ଏତାଲା ଅନୁଯାଇ ପୋଲିସ ଏକ କେଶ ୨୮୬/୨୬/୫ ରୁଜୁ କରି ତଦନ୍ତ ଚଳାଇଥିଲା ।ତେବେ କାର୍ଯ୍ୟାଳୟ ପରିସରରେ ଲାଗିଥିବା କ୍ୟାମେରା ଗୁଡିକୁ ଯାଞ୍ଚ କରିବା ପରେ ଉକ୍ତ ବ୍ୟକ୍ତି ଜଣକ ମହିଳା ଶୌଚଳୟକୁ ଯିବା ଆସିବା କରୁଥିବାର ଦେଖିବାକୁ ପାଇବା ପରେ ସନ୍ଧେହ ହୋଇଥିଲା ।ଗତ ୩୦ ତାରିଖ ଦିନ ତାକୁ ଧରିଆଣି ପଚରାଉଚରା କରିବା ପରେ ସଞ୍ଜୟ ସତ ମାନିଯାଇଥିଲା ।ତେବେ ପୋଲିସ ତାକୁ ଗିରଫ କରି ଦଫା୭୬/୭୫/୭୯/୬୧(୨)/୩୫୨/୩(୫)ସେକ୍ସନ ୬୬(ଇ)/୬୭/୬୭(ଏ)ଆଟି ଆକ୍ଟ-୨୦୦୦ ରୁଜୁକରି କୋର୍ଟ ଚାଲାଣ କରିଛନ୍ତି ।

# ପ୍ରକଳ୍ପ ଅଧିକାରର ନୂତନ ପଞ୍ଚାୟତ ପ୍ରସାରଣ ଉତ୍ସବ

ଦଶପଲ୍ଲା, ୩୧/୫ (ଆନିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନ ମଙ୍ଗଳ ଯୋଜନା ବିଷୟରେ ବଞ୍ଚିତ ଗରିବ ଆଦିମ ଅଧିବାସୀଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ବିଗତ ଦୁଇ ବର୍ଷ ହେଲା ଦଶପଲ୍ଲା ବ୍ଲକର ଦଶଟି ଗ୍ରାମ ପଂଚାୟରେ ପ୍ରକଳ୍ପ ଅଧିକାର ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ସମର୍ଥ ହେଇଛି। ଏହାର ସଫଳତା ଓ ହିତାଧିକାରୀଙ୍କ ଆବଶ୍ୟକତାକୁ ବିଚାର କରି ଚଳିତ ବର୍ଷ ଆଉ ପାଞ୍ଚୋଟି ପଛୁଆ ଗ୍ରାମ ପଂଚାୟତକୁ ପ୍ରକଳ୍ପ ଅଧିକାର ର କାର୍ଯ୍ୟକ୍ରମ ବ୍ୟାପକ କରାଯାଇଛି। ଅବହେଳିତ, ଆଦିବାସୀ ବହୁଳ, ପଛୁଆ, ଗ୍ରାମ ପଂଚାୟତ ଘୁଗୁଡ଼ିପଡ଼ା ଏ ପାଞ୍ଚୋଟି ମଧ୍ୟରେ ଅନ୍ତର୍ଭୁକ୍ତ। ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁଙ୍କ ପୌରାହିତ୍ୟରେ, ଅବସରପ୍ରାପ୍ତ ପଂଚାୟତ ଅଧିକାରୀ ଓ ସମିତି ସଭ୍ୟାଙ୍କ ଉପସ୍ଥିତିରେ ପ୍ରକଳ୍ପ ଅଧିକାରର ପଞ୍ଚାୟତ ପ୍ରସାରଣ ଆଲୋଚନା ଚକ୍ର ସମ୍ପୃକ୍ତ ପଞ୍ଚାୟତ ସଭା ଗୃହରେ ଆଜି ଅନୁଷ୍ଠିତ ହେଇଯାଇଛି। ସି. ଆର ପି ଶ୍ରୀମତୀ ଉଷାରଣୀ ପ୍ରଧାନ ଓ




ସୁଜାତା ସାହୁଙ୍କ ସମେତ ଏମ. ବି. କେ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ମହିଳା ଗୋଷ୍ଠୀର ସଦସ୍ୟା ତଥା ଗ୍ରାମ ମୁଖ୍ୟ ଇତ୍ୟାଦି ଏ କର୍ମଶାଳରେ ସକ୍ରିୟ ଅଂଶ ଗ୍ରହଣ କରି ପ୍ରକଳ୍ପ ଅଧିକାର କାର୍ଯ୍ୟକ୍ରମ, ଲକ୍ଷ୍ୟ, ଉଦେଶ୍ୟ ଓ ପାଇଥିବା ସଫଳତାକୁ ପ୍ରଶଂସା କରିଥିଲେ ଏବଂ ଗାଁ ଗାଁ ରେ ଅଧିକାର ମିତ୍ରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିଜ ନିଜର ମତାମତ ଦେଇଥିଲେ। ଅଧିକାର ମିତ୍ର ପ୍ରଦୀପ କୁମାର ସାହୁ ଏ ପଞ୍ଚାୟତ ପ୍ରସାରଣ କର୍ମଶାଳାକୁ ଆୟୋଜନ କରିଥିବା ବେଳେ ଅଧିକାର ମିତ୍ର ଶ୍ରୀମତୀ ସରୋଜିନୀ ମଳିକ ଓ ମନୋରଞ୍ଜନ ସ୍ୱାଇଁ ନିଜ ନିଜର ଅନୁଭବ, ଅଭିଜ୍ଞତା, ସଫଳତା ଓ କାର୍ଯ୍ୟଧାରା ବିଷୟରେ ବୁଝାଇଥିଲେ। ପ୍ରକଳ୍ପ ପରିଚାଳକ ପ୍ରଭାତ କୁମାର ସାହୁ ପ୍ରକଳ୍ପ ଅଧିକାରର ଲକ୍ଷ୍ୟ, ଉଦେଶ୍ୟ, ଏହାର ଆବଶ୍ୟକତା ଓ ମିଳିଥିବା ସଫଳତାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିବାବେଳେ ମାନ୍ୟବର ସରପଞ୍ଚ ଶ୍ରୀଯୁକ୍ତ ସାହୁ ମହୋଦୟ ଏ ପ୍ରକାର ସାଧୁ ଉଦ୍ୟମକୁ ଘୁଗୁଡ଼ିପଡ଼ା ଗ୍ରାମ ତରଫରୁ ପ୍ରତିଟି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରାଯିବବୋଲି ନିଜ ବକ୍ତବ୍ୟରେ କହିଥିଲେ ଏବଂ ଶେଷରେ ସମସ୍ତ ଅଧିକାର ମିତ୍ର,ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ପାଞ୍ଚୟତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଂଚାୟତରାଜ ମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ମେଗା ପାନୀୟ ଜଳ ପ୍ରକଳ୍ପ କେବଳ ପ୍ରହସନ

## ୨ ଦିନ ପରେ ଲୋକେ ଆଉ ପାଉ ନାହାଁନ୍ତି ଜଳ , ଜଳ ବିନା ଲୋକେ ହେଉଛନ୍ତି ହନ୍ତସନ୍ତ କିଏ ନାଳରୁ ତ କିଏ ଦୁର୍ଗନ୍ଧ କୂଅ ରୁ ପିଉଛନ୍ତି ପାଣି

ବାରିପଦା/ସାରସକଣା, ୩୧।୫ (ଆନିସ): ମୟୁରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଭୂରୁଷାଣି ପଞ୍ଚାୟତର ଜାମଶୋଳା ବିର୍ସା ମୁଣ୍ଡା ଖେଳ ପଡିଆ ଠାରେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ,ପାନୀୟ ଜଳ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ବାରା ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ବହୁଦିନର ପ୍ରତିକ୍ଷିତ ୩୩ କୋଟି ୬୪ ଲକ୍ଷ ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ କୁ ମଇ ମାସ ୧୨ ତାରିଖ ମଙ୍ଗଳ ବାର ଦିନ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଛନ୍ତି । ଉକ୍ତ ଜାମଶୋଳା ମେଗା ପାନୀୟ ଜଳ ପ୍ରକଳ୍ପଟିରୁ ସାରସକଣା ବ୍ଲକ ର ଭୂରୁଷାଣି, ଧାଙ୍ଗୁଡ଼ିଶୋଳ ଓ ଜାଲଦା ପ୍ରଭୃତି ତିନିଗୋଟି ଗ୍ରାମ ପଞ୍ଚାୟତର ୨୯ ଗୋଟି ଗ୍ରାମର ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବ ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ତେବେ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଆସି ବୃହତ ପାନୀୟ ଜଳ ପ୍ରକଳ୍ପଟି ଉଦଘାଟନ କଲେ ହେଲେ ଉଦଘାଟନର ଦୁଇଦିନ ପାରେ ସାଧାରଣ ଜନତା ଭୋଗୁଛନ୍ତି ସମସ୍ୟା । ପାଉ ନାହାନ୍ତି ମେଗା ଜଳ ପ୍ରକଳ୍ପରୁ ପାଣି । ପାଣି ନ ପାଇ ପାଣି ପାଇଁ ଲୋକେ ହେଉଛନ୍ତି ହନ୍ତସନ୍ତ। କିଏ ନାଳରୁ ତ କିଏ ଦୁର୍ଗନ୍ଧ କୂଅ ରୁ ପିଉଛନ୍ତି ପାଣି। ତେବେ ବୃହତ୍ ମେଗା ପାନୀୟ ଜଳ ପ୍ରକଳ୍ପର ଉଦ୍ଘାଟନ ଟି ସାଧାରଣ ଜନତା ଙ୍କ ପାଇଁ ଗୋଟିଏ ପ୍ରହସନ ଥିଲା ବୋଲି କହିଛନ୍ତି ତିନୋଟି ପଞ୍ଚାୟତରେ ଗ୍ରାମବାସୀ । ଉକ୍ତ ପ୍ରକଳ୍ପ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ପ୍ରାୟ ପ୍ରତିଟି ଘର ସମ୍ମୁଖରେ ପାନୀୟ ଜଳ ଯୋଗାଇ ଦେବାକୁ ଘର ସମ୍ମୁଖରେ ଗୋଟିଏ ଗୋଟିଏ ଖମ୍ବ ଛିଡା କରିଦେଇ ସେଥିରେ ଟେପ ଲଗାଇ ଦେଇଛନ୍ତି । ସେଥିରେ ମାତ୍ର ୨ ଦିନ ପାଇଁ ତିନୋଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେଇଥିଲେ ରାଜ୍ୟ ସରକାରଙ୍କର ପାନୀୟ ଜଳ ବିଭାଗ । କିନ୍ତୁ ଏବେ ସେହି ଖମ୍ବ ଗୁଡିକରେ ବୁନ୍ଦାଏ ପାନୀୟ ଜଳ ଆସୁନଥିବା ବେଳେ



ଟାଣ ଖରାରେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି ସାଧାରଣ ଜନତା । ଏହାଠୁ ବେଶିସାଧାରଣ ଜନତାଙ୍କ ମନରେ କଷ୍ଟ ଦେଇଛି କି ଏହି ସରକାରୀ ବ୍ୟବସ୍ଥାର ପ୍ରହସନ । ଏହି ଘଟଣାକୁ ନେଇ ସାଧାରଣ ଜନତା ପ୍ରତିକ୍ରିୟା ରଖିଛନ୍ତି ଆମ ପ୍ରତିନିଧିଙ୍କ ନିକଟରେ ସୂଚନା ଥାଉ କି ୩୩ କୋଟିରୁ ଉର୍ଦ୍ଧ ଟଙ୍କା ବିନିମୟରେ ଜାମସୋଳା ଠାରେ ତିଆରି ହୋଇଥିବା ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି ମେ ମାସ ୧୨ ତାରିଖ ଦିନ ମନ୍ତ୍ରୀ ଉଦଘାଟନ କରିଥିଲେ, କିନ୍ତୁ ଉକ୍ତ ପ୍ରକଳ୍ପ ମାଧ୍ୟମରେ ୨୯ ଟି ଗ୍ରାମରେ ପ୍ରାୟ ୪୦୦୦ ରୁ ଉର୍ଦ୍ଧ ଲୋକେ ପାଣି ପିଇ ଉପକୃତ ହେବେ କହନ୍ତି । ତେବେ ଉଦଘାଟନ କରିସାରି ମନ୍ତ୍ରୀ ଗଲା ପରେ ପରେ ଗତ ୧୪ ତାରିଖ ପରଠୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ ପାନୀୟଜଳ ପ୍ରକଳ୍ପଟି ବନ୍ଦ ହୋଇ ପଡି ରହିଥିବାର ଅଭିଯୋଗ ଆଣିଛନ୍ତି ଅଞ୍ଚଳ ବାସୀ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମନ୍ତ୍ରୀ ଆସି ଉଦଘାଟନ କରିବାର କରଣ କଣ ପୂର୍ବପରି ଲୋକମାନେ ଆଜି ପର୍ଯ୍ୟନ୍ତ ସେହି ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି କାହିଁକି ତେବେ ଦେଖିବାକୁ ବାକି ରହିଲା କେଉଁଦିନ ଠାରୁ ପୁଣି ପାନୀୟ ଜଳ ବ୍ୟବସ୍ଥା ସମ୍ପୂର୍ଣ ଭାବେ ସାଧାରଣ ଜନତା ମାନେ ପାଇ ଉପକୃତ ହେବେ

# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରଥର ଶୁଭାରମ୍ଭ

ଜଗତସିଂହପୁର, ୩୧।୫ (ଆନିସ): ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ବତନ୍ତ୍ର ସଘନ ସଂଶୋଧନ ୨୦୨୬ ସଚେତନତା ରଥ କୁ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଶୁଭାରମ୍ଭ କରିଥିଲେ। ପ୍ରକାଶ ଥାଉ କି, ୩୦/୫/୨୬ ଠାରୁ ୨୮/୦୬/୨୬ ରିଖ ପର୍ଯ୍ୟନ୍ତ ବି ଏଲ ଓ ମାନେ ଘରକୁ ଘର ବୁଲି ଦୁଇଟି ଲେଖାଏଁ ପରିଗଣନା ଫର୍ମ ବଣ୍ଟନ କରିବେ। ନାଗରିକ ମାନେ ଏହି ଫର୍ମ ପୂରଣ କରି ଗୋଟିଏ ଫର୍ମ ବି ଏଲ ଓ ଙ୍କୁ ହସ୍ତାନ୍ତର କରିବା ସହ ଅନ୍ୟ ପୂରଣ ହୋଇଥିବା ଫର୍ମ ରେ ବି




ଏଲ ଓ ଙ୍କ ଦସ୍ତଖତ ରେ ନିଜ ପାଖରେ ରଖିବେ। ଏହି ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ରଥ ଜିଲ୍ଲା ର ସମସ୍ତ ୮ ଟି ବ୍ଲକ ଓ ୨ ମ୍ୟୁନିସପାଲିଟି ପରିଦର୍ଶନ କରି ଜନସାଧାରଣ ଙ୍କୁ ସଚେତନ କରାଇବ। ରଥ ଉଦଘାଟନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଡେପୁଟି କଲେକ୍ଟର ନିର୍ବାଚନ ଶ୍ରୀ ପ୍ରଶାନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତୀୟ ଟେନିସ ଭଲିବଲ ଦଳରେ ସିଂହପୁରର ସତ୍ୟଜିତ ସାହୁ

## ଗାଁରେ ଖୁସିର ମାହୋଲ, ଘରେ ପହଞ୍ଚି ଶୁଭେଚ୍ଛା ଜଣାଇଲେ ଯୁବ ସରପଞ୍ଚ ଶଶାଙ୍କ

ବିଂଝାରପୁର, ୩୧।୫ (ଆନିସ) : ନେପାଳର କାଠମାଣ୍ଡୁଠାରେ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏକାଦଶତମ ଦକ୍ଷିଣ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ଟେନିସ ଭଲିବଲ ଦଳରେ ସ୍ଥାନ ପାଇ ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକ ସିଂହପୁର ଗ୍ରାମର ଯୁବ ଖେଳାଳି ସତ୍ୟଜିତ ସାହୁ (୨୧) ସମଗ୍ର ଅଞ୍ଚଳ ପାଇଁ ଗର୍ବ ଓ ଗୌରବର କାରଣ ପାଲଟିଛନ୍ତି। ଓଡ଼ିଶାରୁ ମାତ୍ର ତିନିଜଣ ଖେଳାଳି ଏହି ଭାରତୀୟ ଦଳରେ ସ୍ଥାନ ପାଇଥିବାବେଳେ ସତ୍ୟଜିତଙ୍କ ସଫଳତା ସିଂହପୁର ସହ ସମଗ୍ର ବିଂଝାରପୁର ଅଞ୍ଚଳକୁ ଆନନ୍ଦିତ କରିଛି। ଏହି ପ୍ରତିଯୋଗିତାରେ ଭାରତ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ବିଜୟୀ ହୋଇ ସ୍ବର୍ଣ୍ଣ ପଦକ ହାସଲ କରିଥିଲା। ସିଂହପୁର ଗ୍ରାମର ଧୀରେନ୍ଦ୍ର କୁମାର ସାହୁ ଓ ମାନସୀ ସାହୁଙ୍କ ପୁତ୍ର ସତ୍ୟଜିତ ଛୋଟବେଳୁ କ୍ରୀଡ଼ା ପ୍ରତି ଅସାଧାରଣ ଆଗ୍ରହ ଦେଖାଇ ଆସୁଥିଲେ। କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ଼ ମନୋବଳ ମାଧ୍ୟମରେ ସେ ଆଜି ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ ସେ ✲✲ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପ୍ରଥମ ବର୍ଷର ଛାତ୍ର ହୋଇଥିବାବେଳେ ଗତ ଦୁଇବର୍ଷ ଧରି ଓଡ଼ିଶା ଦଳ ପକ୍ଷରୁ ଚମତ୍କାର ପ୍ରଦର୍ଶନ କରିଆସୁଥିଲେ। ତାଙ୍କ ଦକ୍ଷତା, ଅଦମ୍ୟ ଇଚ୍ଛାଶକ୍ତି ଓ ଲକ୍ଷ୍ୟପ୍ରତି ଏକାଗ୍ରତା ତାଙ୍କୁ ଆଜି ଭାରତୀୟ ଦଳରେ ସ୍ଥାନ ଦେଇଛି। ସତ୍ୟଜିତଙ୍କ ଏହି ଉଲ୍ଲେଖନୀୟ ସଫଳତା ପରେ ସିଂହପୁର ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ଗ୍ରାମବାସୀ, ସହପାଠୀ, ଯୁବପିଢ଼ି ଓ କ୍ରୀଡ଼ାପ୍ରେମୀମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଭବିଷ୍ୟତରେ ସେ ଦେଶ ପାଇଁ ଆହୁରି ବଡ଼ ସଫଳତା ଆଣିବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ଗ୍ରାମାଞ୍ଚଳରୁ ଏପରି ଜାତୀୟ ସ୍ତରର ପ୍ରତିଭା ଉଦୟ ହେବା ଅଞ୍ଚଳର ଅନ୍ୟ ଯୁବମାନଙ୍କ ପାଇଁ ମଧ୍ୟ ପ୍ରେରଣାର ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏହି ଅବସରରେ ସିଂହପୁରର ଯୁବ ସରପଞ୍ଚ ଶଶାଙ୍କ ଶେଖର ଖିଲାର ସତ୍ୟଜିତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଭେଟି ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ସେ କହିଥିଲେ ଯେ, ଗ୍ରାମାଞ୍ଚଳର ଯୁବପ୍ରତିଭାମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ଅର୍ଜନ କରିବା ସମଗ୍ର ଅଞ୍ଚଳ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ଏଭଳି ସଫଳତା ଯୁବ ସମାଜକୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ସହ ନିଜ ସ୍ୱପ୍ନ ସାକାର କରିବାକୁ ନୂତନ ପ୍ରେରଣା ଯୋଗାଇବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ସମୟରେ ସିଂହପୁର ଗ୍ରାମର ମଳୟ ଥାଟୋଇ, ଅମରେନ୍ଦ୍ର ଜେନା, କାହ୍ନା ସୌରଭ ସୁବାଷ ସାହୁ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସତ୍ୟଜିତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମସ୍ତେ ତାଙ୍କ ଉଜ୍ଜ୍ୱଳ କ୍ରୀଡ଼ା ଜୀବନ କାମନା କରିବା ସହ ଭବିଷ୍ୟତରେ ଦେଶ ଓ ରାଜ୍ୟ ପାଇଁ ଆହୁରି ସଫଳତା ଆଣିବେ ବୋଲି ବିଶ୍ୱାସ ପ୍ରକଟ କରିଛନ୍ତି

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda